ବର୍ଷ 1, ସଂଖ୍ୟା 19

ଏପ୍ରିଲ 1-15, 2021

ନିଃଶୁଳ୍କ ବିତରଣ ଲାଗି ଉଦ୍ଦିଷ୍ଟ

# ନ୍ୟୁ ଇଣ୍ଡିଆ ସମାଚାର





## ଏକ ନୂତନ ଭାରତ ଲାଗି ପ୍ରଶସ୍ତ ହେଉଛି ମାର୍ଗ

ବଜେଟ୍ କାର୍ଯ୍ୟକାରିତା ଉପରେ ବିଭିନ୍ନ ଅଂଶୀଦାରମାନଙ୍କ ସହିତ ଆଲୋଚନା କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ପ୍ରୟାସ ଭାରତକୁ ଦ୍ରୁତଗତିରେ ଆତ୍ମନିର୍ଭରଶୀଳ କରିବା ଲାଗି ଏକ ଯାତ୍ରାର ଅୟମାରମ୍ଭ କରିଛି।

# ଶହୀଦମାନଙ୍କୁ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି

ଜଲିଆଁୱାଲା ବାଗ୍ ଗଣହତ୍ୟା ଏପ୍ରିଲ 13, 1919, ବୈଶାଖୀ ଦିନ ଘଟିଥିଲା। ଚଳିତ ବର୍ଷ ଏହି ଘଟଣାକୁ 102 ବର୍ଷ ପୂରଣ ହୋଇଛି, କିନ୍ତୁ ଏହାର ସ୍ମୃତି ଏବେ ବି ତାଜା ହୋଇରହିଛି। ସେହିଦିନ ଜଣେ 22 ବର୍ଷୀୟ ଯୁବକ ନାନକ ସିଂ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ନାନକ ଏହି ଗୁଳିକାଣ୍ଡରୁ ବର୍ତ୍ତି ଯାଇଥିଲେ ଏବଂ ପରେ ସେ ଏହି ବିଭତ୍ସ ଗଣହତ୍ୟା ଉପରେ ଏକ କବିତା 'ବ୍ଲଡୀ ବୈଶାଖୀ' (ରକ୍ତରଞ୍ଜିତ ବୈଶାଖୀ) ରଚନା କରିଥିଲେ। ଏଥିରେ କ୍ରୋଧିତ ହୋଇ ବ୍ରିଟିଶମାନେ ଏହି କବିତାକୁ ନିଷିଦ୍ଧ କରିବା ସହିତ ପାଣ୍ଡୁଲିପିକୁ ଜବତ କରିଥିଲେ। ଘଟଣାର 102 ବର୍ଷ ପୂର୍ତ୍ତି ଅବସରରେ ଏଠାରେ କବିତାଟି ଦିଆଗଲା....



**The Gathering in Jallianwala Bagh**

As the clock struck five on thirteenth April
They all gather in the Bagh, my friends.
Seeking justice fair and honour, they stand
Sikhs, Hindus, Muslims together, my friends.
Folks young and old, and lads went too
For only a handful had stayed back, my friends.
They went to speak, to share their grief
Place lives at stake without fear, my friends.
Worrying no more about their precious lives
They left this world behind, my friends.
With slender hope of coming back home
Desires and dreams abandoned too, my friends.
With their own blood, they wanted to bloom
The parched soil of the Bagh, my friends.
Like swarms of moths, they gathered around
To be singed by violent flames, my friends.
Fed up with life, they courted death
Forcing Yama to accept their will, my friends.
Like Mansour, who said, 'I am the Truth!'
When he knew he'd meet the gallows, my friends.
Like Shams Tabrizi, whose quest for God
Ended up in a painful death, my friends.

ନ୍ୟୁ ଇଣ୍ଡିଆ
# ସମାଚାର
ବର୍ଷ 1, ସଂଖ୍ୟା 19 ଏପ୍ରିଲ 1-15, 2021

## ସୂଚୀପତ୍ର


| | | |
|---|---|---|
| 1 | ସମ୍ପାଦକୀୟ | ପୃଷ୍ଠା. 02 |
| 2 | ଚିଠି ବାକ୍ସ | ପୃଷ୍ଠା. 03 |
| 3 | ସଂକ୍ଷିପ୍ତ ସମାଚାର | ପୃଷ୍ଠା. 04-05 |
| 4 | ଉତ୍କଳ ଦିବସ | ପୃଷ୍ଠା. 06 |
| 5 | ବ୍ୟକ୍ତିତ୍ୱ ଡ. ଭୀମରାଓ ଆମ୍ବେଦକର | ପୃଷ୍ଠା. 07 |
| 6 | ଅମୃତ ମହୋତ୍ସବ | ପୃଷ୍ଠା. 08-10 |
| 7 | ଏମଆଇଭି | ପୃଷ୍ଠା. 11 |
| 8 | ପ୍ରଚ୍ଛଦ ପ୍ରସଙ୍ଗ | ପୃଷ୍ଠା. 12-21 |
| 9 | ଫେମ ଇଣ୍ଡିଆ ଏବଂ ବିଏସ-6 | ପୃଷ୍ଠା. 22-25 |
| 10 | ମୁଦ୍ରା ଯୋଜନା | ପୃଷ୍ଠା. 26-27 |
| 11 | କ୍ୟାବିନେଟ ନିଷ୍ପତ୍ତି | ପୃଷ୍ଠା. 28 |
| 12 | ଜନ ଔଷଧି | ପୃଷ୍ଠା. 29 |
| 13 | କରୋନା ବିରୋଧୀ ଲଢ଼େଇ | ପୃଷ୍ଠା. 30-31 |
| 14 | ମୈତ୍ରୀ ସେତୁ | ପୃଷ୍ଠା. 32 |
| 15 | ଗୁରୁ ତେଗ ବାହାଦୂରଙ୍କୁ ଶ୍ରଦ୍ଧାଞ୍ଜଳି | ପୃଷ୍ଠା. 33 |
| 16 | ସଂସ୍କୃତି | ପୃଷ୍ଠା. 34 |
| 17 | କ୍ୱାଡ ଶିଖର ସମ୍ମିଳନୀ | ପୃଷ୍ଠା. 35 |
| 18 | ପରିବର୍ତ୍ତନଶୀଳ ଭାରତ | ପୃଷ୍ଠା. 36 |


**ସମ୍ପାଦକ**
ଜୟଦୀପ ଭଟ୍ଟନାଗର
ପ୍ରମୁଖ ମହାନିର୍ଦ୍ଦେଶକ, ପିଆଇବି, ନୂଆଦିଲ୍ଲୀ

**ଉପଦେଷ୍ଟା ସମ୍ପାଦକ**
ବିନୋଦ କୁମାର
ସନ୍ତୋଷ କୁମାର

**ଅଳଙ୍କରଣ**
ରବୀନ୍ଦ୍ର କୁମାର ଶର୍ମା

**ପ୍ରକାଶକ ଓ ମୁଦ୍ରାକାର**
ସତ୍ୟେନ୍ଦ୍ର ପ୍ରକାଶ,
ପ୍ରମୁଖ ମହାନିର୍ଦ୍ଦେଶକ, ବିଓସି
ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ କମ୍ୟୁନିକେସନ

**Printed at**
**Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-121003**

**ପ୍ରକାଶିତ**
ବ୍ୟୁରୋ ଅଫ ଆଉଟରିଚ ଏବଂ କମ୍ୟୁନିକେସନ, ଦ୍ୱିତୀୟ ମହଲା, ସୂଚନା ଭବନ, ନୂଆଦିଲ୍ଲୀ-110003

**ନ୍ୟୁ ଇଣ୍ଡିଆ ସମାଚାର**

RNI No. : DELODI/2020/78831

response-nis@pib.gov.in

# ସମ୍ପାଦକଙ୍କ କଲମରୁ

ସାଦର ନମସ୍କାର,

ଜନକଲ୍ୟାଣ ଲାଗି ଯେକୌଣସି ସଂକଳ୍ପକୁ ଭାରତରେ ଏକ ପାର୍ବଣ ରୂପରେ ପାଳନ କରାଯାଇଥାଏ। ଫଳରେ ଅଧିକ ସଂଖ୍ୟକ ଜନସାଧାରଣଙ୍କ ସମ୍ପୃକ୍ତି କାରଣରୁ ଏହାର ସଫଳତା ପାଇଁ ମାର୍ଗ ପ୍ରଶସ୍ତ ହୋଇଥାଏ। ଯେତେବେଳେ ସରକାରଙ୍କର କୌଣସି ପ୍ରୟାସ ସାରା ଦେଶରେ ଏକ ନୂତନ ଆଶାର ବାତାବରଣ ସୃଷ୍ଟି କରିଥାଏ ଏବଂ ଦ୍ରୁତ ଗତିରେ ଆଗକୁ ବଢ଼ିବା ଲାଗି ଦୃଢ଼ ଇଚ୍ଛା ଜାଗ୍ରତ କରିଥାଏ, ସେତେବେଳେ ଏହା ପ୍ରତ୍ୟାଶାକୁ ବଢ଼ାଇ ଦେଇଥାଏ। ଏଥର ସାଧାରଣ ବଜେଟରେ ଦେଶର ଜନସାଧାରଣଙ୍କ ମାନସିକତା ପ୍ରତିଫଳିତ ହୋଇଛି, ଏହାକୁ ଅଭୂତପୂର୍ବ ଭାବେ ସକାରାତ୍ମକ ସମର୍ଥନ ମିଳୁଛି। ଏପରି ଏକ ସମୟରେ କେନ୍ଦ୍ର ସରକାର ମଧ୍ୟ ଅନୁକୂଳ ପଦକ୍ଷେପ ଗ୍ରହଣ କରିଛନ୍ତି। ସଂସଦୀୟ ଇତିହାସରେ ପ୍ରଥମ ଥର ଲାଗି, ପ୍ରଧାନମନ୍ତ୍ରୀ ବଜେଟର ସଂକଳ୍ପକୁ ବାସ୍ତବ ରୂପ ଦେବା ଲାଗି ସମସ୍ତ ଅଂଶୀଦାର, ବିଶେଷଜ୍ଞ ଓ ଅନ୍ୟମାନଙ୍କ ସହିତ ସିଧାସଳଖ ଆଲୋଚନା କରିବାର ପ୍ରୟାସ ଆରମ୍ଭ କରିଛନ୍ତି।

ବଜେଟରେ ହୋଇଥିବା ଘୋଷଣାକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବା ଲାଗି ସରକାର ଓ ଘରୋଇ କ୍ଷେତ୍ର ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ହେଉଛି ଏହାର ଉଦ୍ଦେଶ୍ୟ। ସରକାର ଏକ ଆତ୍ମନିର୍ଭରଶୀଳ ଭାରତ ନିର୍ମାଣ କରିବାକୁ ଚାହୁଁଛନ୍ତି ଯେଉଁଠି ପ୍ରତ୍ୟେକ ବ୍ୟକ୍ତି, ଅନୁଷ୍ଠାନ ଏବଂ ଉଦ୍ୟୋଗ ନିଜ ନିଜର ସମ୍ପୂର୍ଣ୍ଣ ସମ୍ଭାବନା ସହିତ ପ୍ରଗତି ହାସଲ କରିବାର ସୁଯୋଗ ପାଇପାରିବେ। ଚଳିତ ସଂସ୍କରଣର ପ୍ରଚ୍ଛଦ ପ୍ରସଙ୍ଗରେ ଏହି ଉଦ୍ଦେଶ୍ୟକୁ ସ୍ଥାନ ଦିଆଯାଇଛି।

ସମାରୋହ ଓ ସଂକଳ୍ପଗୁଡ଼ିକର ଏକ ଶୃଙ୍ଖଳାର ଅଂଶବିଶେଷ ଭାବେ ସ୍ୱାଧୀନତାର 75 ବର୍ଷ ପୂର୍ତ୍ତି ସମାରୋହକୁ 'ଆଜାଦୀ କା ଅମୃତ ମହୋତ୍ସବ' ରୂପରେ ପାଳନ କରାଯିବ। ଏହି ମହୋତ୍ସବ 75 ବର୍ଷ ଧରି ଭାରତର ବିକାଶଯାତ୍ରାକୁ ପ୍ରଦର୍ଶିତ କରିବ। 2047ରେ ଦେଶ ସ୍ୱାଧୀନତାର 100 ବର୍ଷ ପୂର୍ତ୍ତି ପର୍ଯ୍ୟନ୍ତ ଦେଶର ଅଭିବୃଦ୍ଧି ପାଇଁ ମଧ୍ୟ ଏହି ଅବସରରେ ସଂକଳ୍ପ ନିଆଯିବ।

ନିଜ ସଂଗ୍ରାମୀମାନଙ୍କର ସଂଘର୍ଷ ଗାଥାରୁ ପ୍ରେରଣା ନେଇ ଭାରତ କିପରି ଭାବେ ଆଗକୁ ବଢ଼ିବ ତାହା 'ନ୍ୟୁ ଇଣ୍ଡିଆ ସମାଚାର'ର ଏହି ସଂସ୍କରଣରେ ସ୍ଥାନ ପାଇଛି।


ଶ୍ରୀ ଗୁରୁ ତେଗ୍ ବାହାଦୂରଙ୍କ ସାହସ, ଉତ୍କଳ ଦିବସ ଉପଲକ୍ଷେ ଓଡ଼ିଶାର ପାଇକ ଯୋଦ୍ଧାମାନଙ୍କର ବୀରତ୍ୱ ଗାଥା, ସମ୍ବିଧାନ ନିର୍ମାତା ଡ. ଭୀମରାଓ ଆମ୍ବେଦକରଙ୍କୁ ତାଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି, କ୍ଷୁଦ୍ର ବ୍ୟବସାୟୀମାନଙ୍କ ସ୍ୱପ୍ନରେ ଡେଣା ଲଗାଇଥିବା 'ମୁଦ୍ରା ଯୋଜନା' ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ଏହି ସଂସ୍କରଣର କେତେକ ପ୍ରମୁଖ ବିଶେଷତ୍ୱ।

ଆପଣ ଏହି ସଂସ୍କରଣକୁ ପଢ଼ନ୍ତୁ ଏବଂ ପୂର୍ବ ଭଳି ନିଜର ମତାମତ ଆମକୁ ଦିଅନ୍ତୁ।

ଠିକଣା : ବ୍ୟୁରୋ ଅଫ ଆଉଟ ରିଚ ଆଣ୍ଡ କମ୍ୟୁନିକେସନ,
ଦ୍ୱିତୀୟ ମହଲା, ସୂଚନା ଭବନ, ନୂଆଦିଲ୍ଲୀ-110003
e-mail : response-nis@pib.gov.in

(ଜୟଦୀପ ଭଟ୍ଟନାଗର)

# ଚିଠି ବାକ୍ସ




ଏକଦା ଭାରତର ବାଣିଜ୍ୟିକ କେନ୍ଦ୍ର ଥିବା ପୂର୍ବ ଭାରତର ବିକାଶ ଓ ଅଭିବୃଦ୍ଧି ସମ୍ପର୍କରେ ରିପୋର୍ଟ ପ୍ରକାଶ କରିଥିବାରୁ ଅଭିନନ୍ଦନ। ଦେଶର ଅଭିବୃଦ୍ଧିରେ ପୂର୍ବାଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ। ପ୍ରଧାନମନ୍ତ୍ରୀଙ୍କ 'ଆକ୍ଟ ଇଷ୍ଟ' ନୀତିରେ ରାଜପଥ, ରେଳପଥ, ବିମାନମାର୍ଗ ଏବଂ ଇଣ୍ଟରନେଟ୍ ସଂଯୋଗରେ ସୁଧାର ସାମିଲ ରହିଛି ଯାହାକି ଦେଶରେ ସମାନତାପୂର୍ଣ୍ଣ ଅଭିବୃଦ୍ଧି ଆଣିବା ସହିତ ଜୀବନକୁ ସହଜ କରୁଛି।


ଚନ୍ଦ୍ରକାନ୍ତ ପ୍ରଧାନ
**chandrakantapradhan2014@gmail.com**


ନ୍ୟୁ ଇଣ୍ଡିଆ ସମାଚାର ବିଷୟରେ ଜାଣି ମୁଁ ଆନନ୍ଦିତ ହେଲି। ତେବେ ମୁଁ ପରାମର୍ଶ ଦେବି ଯେ ଏଥିରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବିଶେଷ ଭାଗ ରହିବା ଉଚିତ୍ ଯେଉଁଥିରେ ଦେଶବ୍ୟାପୀ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନାଗୁଡ଼ିକର ସମ୍ପୂର୍ଣ୍ଣ ଜ୍ଞାନ ଓ ସୂଚନା ରହିଥିବ।


ରିଦ୍ଧିମା ଗୁପ୍ତା
sangeetaguptashree@gmail.com


ଏହି ପତ୍ରିକା ପଢ଼ିବା ଏକ ଚମତ୍କାର ଅନୁଭୂତି ଦେଉଛି। ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ଏବଂ ସେଗୁଡ଼ିକ ସମ୍ପର୍କରେ ରିପୋର୍ଟ ଦେଶର ବାସ୍ତବ ଚିତ୍ର ପ୍ରଦାନ କରୁଛି। ଏହା ବିଶେଷ ଭାବେ ଛାତ୍ରଛାତ୍ରୀଙ୍କୁ ସହାୟକ ହେବ। ଏହି ପତ୍ରିକାର ଆହୁରି ଏକ ବିଶେଷତ୍ୱ ହେଉଛି ଏହା ଭିନ୍ନ ଭିନ୍ନ ଭାଷାରେ ପ୍ରକାଶ ପାଉଛି। ଏପରି ଭଲ କାର୍ଯ୍ୟ ଜାରି ରହୁ।


ଧ୍ରୁବଜିତ ଦତ୍ତ
duttadhruba200@gmail.com


ପ୍ରତିଯୋଗିତାମୂଳକ ପରୀକ୍ଷାର ଜଣେ ଆଶାୟୀ ଭାବେ ଏହି ପତ୍ରିକା ଆମ ପାଇଁ ବେଶ ଉପାଦେୟ ହୋଇପାରିବ ବୋଲି ମୁଁ ଭାବୁଛି। ଏହା ଶିଶୁମାନଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ମୁଁ ଏକ ସରକାରୀ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଛି। ସମ୍ଭବ ହେଲେ ପତ୍ରିକାର ଏକ ତେଲୁଗୁ ସଂସ୍କରଣ ମୋତେ ପଠାନ୍ତୁ କିମ୍ବା ଏହାର ଗ୍ରାହକ କିପରି ହୋଇପାରିବି ଜଣାନ୍ତୁ।


varalakshmipalla19@gmail.com


ବାସ୍ତବରେ ଏହା ଏକ ଭଲ ପତ୍ରିକା ଯେଉଁଥିରେ ଦେଶ ସମ୍ପର୍କରେ ଅନେକଗୁଡ଼ିଏ ସକାରାତ୍ମକ ସୂଚନା ରହିଛି। ସବୁବେଳେ ଏହାର ମାନ ଭଲ ରହୁ। ମୋର ଶୁଭେଚ୍ଛା! ଏହାର ନାମକୁ ଜାଗୃତ ଭାରତ ସମାଚାରପତ୍ର ଭାବେ ପରିବର୍ତ୍ତିତ କରାଯାଇପାରିବ। ଏହା କେବଳ ଏକ ପରାମର୍ଶ।


ସୁନୀତା ପଟେଲ
sunitapatel.sp7@gmail.com


## ଡିଜିଟାଲ କ୍ୟାଲେଣ୍ଡର




ଭାରତ ସରକାରଙ୍କର ଡିଜିଟାଲ କ୍ୟାଲେଣ୍ଡର ଏବଂ ଡାଏରୀରେ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ସମ୍ପର୍କରେ ସଦ୍ୟତମ ସୂଚନା ରହିଛି ଏବଂ ସରକାରଙ୍କର ପ୍ରକାଶନୀଗୁଡ଼ିକ ରହିଛି। ଏହାଛଡ଼ା ସରକାରୀ ଛୁଟିଦିବସ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତାରିଖ ଗୁଡ଼ିକ ରହିଛି।

ଏହାକୁ ଗୁଗଲ ପ୍ଲେ ଷ୍ଟୋର ଏବଂ ଆଇଓଏସରୁ ଡାଉନ ଲୋଡ କରାଯାଇପାରିବ।

| ଗୁଗଲ ପ୍ଲେ ଷ୍ଟୋର ଲିଙ୍କ | ଆଇଓଏସ ଲିଙ୍କ |
|---|---|
| https://play.google.com/store/apps/details?id=in.gov.calendar | https://apps.apple.com/in/app/goi-calendar/id1546365594 |

**https://goicalendar.gov.in/**

## ବିଏସଏଫ ପକ୍ଷରୁ ଏହାର ଶହୀଦ ଯବାନଙ୍କ ପିଲାମାନଙ୍କ ପାଇଁ ପରାମର୍ଶ ହେଲ୍ପଲାଇନ୍ ଆରମ୍ଭ

ଶହୀଦ ଯବାନଙ୍କ ପିଲାମାନଙ୍କୁ ଭାବଗତ ସମର୍ଥନ ଏବଂ ପରାମର୍ଶ ଦେବା ଲାଗି ସୀମା ସୁରକ୍ଷା ବାହିନୀ (ବିଏସଏଫ) ପକ୍ଷରୁ ଏକ ହେଲ୍ପଲାଇନର ଶୁଭାରମ୍ଭ କରାଯାଇଛି। ବିଏସଏଫ ଏବଂ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନସିପିସିଆର) ପକ୍ଷରୁ ମିଳିତ ଭାବେ ସଶସ୍ତ୍ର ଆରକ୍ଷୀ ବାହିନୀର ଯବାନଙ୍କ ପିଲାମାନଙ୍କ ମଧ୍ୟରେ ସହନଶୀଳତା ବୃଦ୍ଧି କରିବା ଲାଗି ଏକ ସାମଗ୍ରିକ ଆଭିମୁଖ୍ୟ ସହିତ ସହାୟତା ପଦକ୍ଷେପ (ସାହାରା) ଆରମ୍ଭ ହୋଇଛି।



ବିଶେଷଜ୍ଞମାନେ ଏପରି ପିଲାମାନଙ୍କୁ ସେମାନଙ୍କର ହକ୍, ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକତାର ଉଲ୍ଲଙ୍ଘନ କରାଯିବା ତଥା ଏସବୁରୁ ସେମାନଙ୍କୁ ବଞ୍ଚିତ କରିବା କ୍ଷେତ୍ରରେ ଆବଶ୍ୟକ ପରାମର୍ଶ ଯୋଗାଇ ଦେବା ସହିତ ଅଭିଯୋଗଗୁଡ଼ିକର ସମାଧାନ କରିବ। ସାହାରା ଏପରି ପିଲାମାନଙ୍କୁ କେନ୍ଦ୍ର ସରକାର ଓ ବିଏସଏଫର କଲ୍ୟାଣକାରୀ ଯୋଜନା ସହିତ ଯୋଡ଼ିବ। ଏଥିପାଇଁ ଏକ ଟେଲି ପରାମର୍ଶ ନମ୍ବର 1800-1-236-236 ଏବଂ ୱେବ୍ ଲିଙ୍କ୍ - https: /www.ncpcr.gov.in/ ଦିଆଯାଇଛି। ସୀମାରେ କର୍ତ୍ତବ୍ୟ ସମ୍ପାଦନ ସମୟରେ ପ୍ରାଣବଳୀ ଦେଉଥିବା ସେନାବାହିନୀର ଯବାନଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନ ଭାରତୀୟ ସେନା ଅବସରପ୍ରାପ୍ତ ସୈନିକ ନିର୍ଦ୍ଦେଶାଳୟ (ଡିଆଇଏଭି) ପକ୍ଷରୁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏଥିରେ ଯବାନଙ୍କ ବିଧବା ପତ୍ନୀ ଓ ପିଲାମାନଙ୍କୁ ବୃତ୍ତି, କମ୍ପ୍ୟୁଟର ସହାୟତା, ଉଚ୍ଚ ଶିକ୍ଷା ସହାୟତା, ବିବାହ ବୟସରେ ଥିବା ଝିଅମାନଙ୍କୁ ଅନୁଦାନ ଆଦି ସାମିଲ ରହିଛି। ଏହା 1 ଲକ୍ଷରୁ ଊର୍ଦ୍ଧ୍ୱ ସୈନିକମାନଙ୍କର ବିଧବା ଓ ପିଲାମାନଙ୍କୁ ସମ୍ମାନପୂର୍ବକ ବଞ୍ଚିବା ଲାଗି ସକ୍ଷମ କରିବ।

## ଷ୍ଟାଚ୍ୟୁ ଅଫ ୟୁନିଟିକୁ ଆସୁଥିବା ଦର୍ଶକଙ୍କ ସଂଖ୍ୟା 50 ଲକ୍ଷ ଟପିଲା



ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତିରେ ନିର୍ମିତ ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି ଷ୍ଟାଚ୍ୟୁ ଅଫ ୟୁନିଟୀକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ମାର୍ଚ୍ଚ 15, 2021ରେ 50 ଲକ୍ଷ ଅତିକ୍ରମ କରିଛି। ଦୈନିକ ହାରାହାରି 9-10 ହଜାର ପରିଦର୍ଶକ ଏଠାକୁ ଆସୁଛନ୍ତି। ଏଥିରେ ବିଦେଶୀ ଓ ଦେଶୀୟ ପର୍ଯ୍ୟଟକମାନେ ସାମିଲ ରହିଛନ୍ତି। ଅକ୍ଟୋବର 31, 2018 ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 182 ମିଟର ଉଚ୍ଚ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଏଠାକୁ 50 ଲକ୍ଷ ପର୍ଯ୍ୟଟକ ଆସିବା ମୁହୂର୍ତ୍ତକୁ ଐତିହାସିକ ଓ ଗୌରବମୟ ଭାବେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଥିଲେ।

## ଆତ୍ମନିର୍ଭର ଭାରତକୁ ବୃହତ ପ୍ରୋତ୍ସାହନ, ଅଗରବତୀ ଆମଦାନୀ 93% ହ୍ରାସ



ସ୍ୱଦେଶୀ ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ କରିବା ଲାଗି ଜାରି ରହିଥିବା ନିରନ୍ତର ପ୍ରୟାସ ଫଳ ପ୍ରଦାନ କରିବା ଆରମ୍ଭ କରିଛି। ଆତ୍ମନିର୍ଭର ଭାରତ ନିର୍ମାଣ କ୍ଷେତ୍ରରେ ସରକାରଙ୍କ ଲକ୍ଷ୍ୟବଦ୍ଧ ପ୍ରୟାସର ଉପଯୁକ୍ତ ପରିଣାମ ଭାରତୀୟ ଅଗରବତୀ ଉଦ୍ୟୋଗ କ୍ଷେତ୍ରରେ ଦେଖିବାକୁ ମିଳିଛି। ଘରୋଇ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ମନ୍ତ୍ରଣାଳୟ ପକ୍ଷରୁ ଅଗରବତୀ ଉତ୍ପାଦନ କ୍ଷେତ୍ରରେ ଗତବର୍ଷ ଆତ୍ମ ନିର୍ଭର ମିଶନ ଆରମ୍ଭ କରାଯାଇଥିଲା। ଏହି ଅଭିଯାନ ଅନ୍ତର୍ଗତ ଗ୍ରାମାଞ୍ଚଳରେ ଅଗରବତୀ ଉତ୍ପାଦନ ବଢ଼ାଇବା ଲାଗି ମହିଳା ଓ ଯୁବକମାନଙ୍କୁ ନିଯୁକ୍ତି ଦିଆଗଲା। ଯାହାଫଳରେ ଅଗରବତୀ ଆମଦାନୀ ବ୍ୟାପକ ଭାବେ ହ୍ରାସ ପାଇଲା। ଏପ୍ରିଲ 2020ରୁ ଜାନୁଆରୀ 2021 ମଧ୍ୟରେ ଅଗରବତୀ ଆମାଦାନୀରେ 93 ପ୍ରତିଶତ ହ୍ରାସ ଦେଖାଦେଇଛି। ଏପ୍ରିଲ 2019ରୁ ଜାନୁଆରୀ 2020 ମଧ୍ୟରେ ଭାରତ 284 କୋଟି ଟଙ୍କାର ଅଗରବତୀ ଆମଦାନୀ କରିଥିବା ବେଳେ ଏହା ଏବେ ହ୍ରାସ ପାଇଁ ମାତ୍ର 19 କୋଟି ଟଙ୍କାକୁ ଖସିଆସିଛି।

## ନିଜର 6 କୋଟି ଲାଭାର୍ଥୀଙ୍କ ପାଇଁ ସୁଧହାରକୁ 8.5%ରେ ସ୍ଥିର ରଖିଲା ଇପିଏଫଓ

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫଓ)ର 6କୋଟି ଲାଭାର୍ଥୀଙ୍କୁ ଏକ ବଡ଼ ଆଶ୍ବସ୍ତି ମିଳିଛି, କେନ୍ଦ୍ର ସରକାର ଭବିଷ୍ୟନିଧି ଜମା ଉପରେ ସୁଧହାରକୁ 2021-22 ଆର୍ଥିକ ବର୍ଷ ଲାଗି 8.5 ପ୍ରତିଶତରେ ସ୍ଥିର ରଖିଛନ୍ତି। ପ୍ରଥମ ଥର ପାଇଁ ଜମ୍ମୁ ଓ କଶ୍ମୀର ଏବଂ ଲଦାଖର ଉପଭୋକ୍ତାମାନଙ୍କ ପାଇଁ ଇପିଏଫଓ ନିଜର ସାମାଜିକ ସୁରକ୍ଷା ଲାଭକୁ ସମ୍ପ୍ରସାରିତ କରିଛି। ମାର୍ଚ୍ଚ 4, 2021ରେ ଶ୍ରୀନଗର ଠାରେ କେନ୍ଦ୍ର ଟ୍ରଷ୍ଟି ବୋର୍ଡର ଏକ ବୈଠକରେ ସୁଧ ହାରକୁ 8.5 ପ୍ରତିଶତରେ ସ୍ଥିର ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।

## ପ୍ରଧାନମନ୍ତ୍ରୀଙ୍କୁ ସେରାୱିକ ଗ୍ଲୋବାଲ ଏନର୍ଜି ଏଣ୍ଡ ଏନଭାଇରନମେଣ୍ଟ ଲିଡରଶିପ ପୁରସ୍କାର

ଏହା ଭାରତ ପାଇଁ ଏକ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ମାନଜନକ ସେରାୱିକ ଗ୍ଲୋବାଲ ଏନର୍ଜି ଏଣ୍ଡ ଏନଭାଇରନମେଣ୍ଟ ଲିଡରଶିପ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ବିଶ୍ୱ ଇନ୍ଧନ ଓ ପରିବେଶର ଭବିଷ୍ୟତ ପ୍ରତି ତାଙ୍କର ନେତୃତ୍ୱ ଓ ପ୍ରତିବଦ୍ଧତା ଏବଂ ଇନ୍ଧନ ଉପଲବ୍ଧତା, ସୁଲଭତା ପାଇଁ ସମାଧାନ ଓ ନୀତି ଯୋଗାଇ ଦେବା ତଥା ପରିବେଶ ସୁରକ୍ଷା ପାଇଁ ପ୍ରୟାସ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। 1983ରେ ଡ. ଡାନିଏଲ ୟର୍ଗିନଙ୍କ ଦ୍ୱାରା ସେରାୱିକ ପ୍ରତିଷ୍ଠା କରାଯାଇଥିଲା ଏବଂ ଏହି ପୁରସ୍କାର 2016ରେ ଆରମ୍ଭ ହୋଇଥିଲା। ସେରାୱିକ 2021କୁ ଉଦଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ସେରାୱିକ ଗ୍ଲୋବାଲ ଏନର୍ଜି ଏଣ୍ଡ ଏନଭାଇରନମେଣ୍ଟ ଲିଡରଶିପ ପୁରସ୍କାର ଲାଭ କରି ମୁଁ ଅତ୍ୟନ୍ତ କୃତଜ୍ଞ ଅନୁଭବ କରୁଛି। ପରିବେଶ ସୁରକ୍ଷା ଲାଗି ମାର୍ଗ ଦର୍ଶାଉଥିବା ଆମ ମାତୃଭୂମିର ଗୌରବମୟ ପରମ୍ପରା ପ୍ରତି ମୁଁ ଏହି ପୁରସ୍କାରକୁ ଉତ୍ସର୍ଗ କରୁଛି।



ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ଲାଗି କ୍ୟୁଆର କୋଡ୍ ସ୍କାନ କରନ୍ତୁ

## ଇ-ଦାଖିଲ ମାଧ୍ୟମରେ ଉପଭୋକ୍ତାଙ୍କ ପାଇଁ ସହଜ ହେଲା ଅଭିଯୋଗ ଦାଖଲ

ଉପଭୋକ୍ତାଙ୍କ ଅଭିଯୋଗ ସମାଧାନ ଲାଗି ଇ-ଦାଖିଲ ପୋର୍ଟାଲ ଏବେ 15ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶରେ କାର୍ଯ୍ୟକ୍ଷମ ହୋଇଛି। ଜାତୀୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗ (ଏନସିଡିଆରସି)ଙ୍କ ଦ୍ୱାରା ଏହି ପୋର୍ଟାଲ ଶୁଭାରମ୍ଭ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ଉପଭୋକ୍ତାଙ୍କ ଅଭିଯୋଗ ଦାଖଲ ପ୍ରକ୍ରିୟାକୁ ସହଜ ଓ ସରଳ କରିବା। ଗ୍ରାମୀଣ ଉପଭୋକ୍ତାମାନଙ୍କୁ ସୁବିଧା ଦେବା ସକାଶେ ଇ-ଦାଖିଲ ପୋର୍ଟାଲକୁ ଜନ ସେବା କେନ୍ଦ୍ର ସହିତ ଯୋଡ଼ିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏନସିଡିଆରସି, ରାଜ୍ୟ ଆୟୋଗ ଏବଂ ଜିଲ୍ଲା ଆୟୋଗଗୁଡ଼ିକୁ ମିଶାଇ ଏଥିରେ ପ୍ରାୟ 444ଟି ଲୋକେସନକୁ ଅନ୍ତର୍ଭୁକ୍ତ କରାଯାଇଛି। ସମସ୍ତ ରାଜ୍ୟରେ ଏପରି ପୋର୍ଟାଲକୁ କାର୍ଯ୍ୟକ୍ଷମ କରିବା ଲାଗି ଉପଭୋକ୍ତା ବ୍ୟାପାର ବିଭାଗ ପକ୍ଷରୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରାଯାଉଛି।

## ଘରୋଇ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି, ଦୈନିକ ଯାତ୍ରା କଲେ 3.13 ଲକ୍ଷ ଯାତ୍ରୀ

ଭାରତରେ ଘରୋଇ ବିମାନ ଯାତ୍ରା କ୍ଷେତ୍ର ଧୀରେ ଧୀରେ ସୁଧାର ମାର୍ଗକୁ ଆସିବାରେ ଲାଗିଛି। କରୋନା ଲକଡାଉନ ସମୟରେ ବିମାନଯାତ୍ରା କ୍ଷତିଗ୍ରସ୍ତ ହୋଇଥିବା ସମୟରେ ଦେଶରେ ବର୍ତ୍ତମାନ ଏହା ଧୀରେ ଧୀରେ ସ୍ୱାଭାବିକ ସ୍ଥିତିକୁ ଫେରୁଛି। ସାଧାରଣ ସ୍ଥିତି ଫେରିବା ପରେ ଅଧିକରୁ ଅଧିକ ସଂଖ୍ୟକ ଲୋକ ବିମାନ ଯାତ୍ରା ଆରମ୍ଭ କରିଛନ୍ତି। ଯାହାଫଳରେ, ଫେବୃଆରୀ 28, 2021ରେ ଗୋଟିଏ ଦିନରେ 2353ଟି ଘରୋଇ ଯାତ୍ରୀବାହୀ ବିମାନରେ 3.13 ଲକ୍ଷ ଯାତ୍ରୀ ଯାତାୟାତ କରିଛନ୍ତି। ମେ 25, 2020ରେ ଘରୋଇ ବିମାନ ଚଳାଚଳ ଆରମ୍ଭ କରିବା ପରେ ଏହା ହେଉଛି ଗୋଟିଏ ଦିନରେ ବିମାନ ଯାତ୍ରା କରିଥିବା ଯାତ୍ରୀଙ୍କ ସର୍ବାଧିକ ସଂଖ୍ୟା। ଦେଶର ବିମାନବନ୍ଦରକୁ ମୋଟ 6 ଲକ୍ଷ ଯାତ୍ରୀ ଆସିଛନ୍ତି। ସାରା ଦେଶରେ ଲକଡାଉନ ଲାଗୁ କରିବା ପରେ ମାର୍ଚ୍ଚ 25, 2020ରେ ବିମାନ ଯାତ୍ରା ବନ୍ଦ ହୋଇଯାଇଥିଲା।. ■





# ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଭୂମି

**ଓଡ଼ିଶା, ପ୍ରାଚୀନ କାଳରୁ ଆରମ୍ଭ କରି ମଧ୍ୟଯୁଗ ପର୍ଯ୍ୟନ୍ତ ଭାରତ ଇତିହାସରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅକ୍ତିଆର କରିଆସିଥିଲା। ଏପ୍ରିଲ 1 ତାରିଖରେ ଉତ୍କଳ ଦିବସ ଭାବେ ରାଜ୍ୟ ନିଜର ୫ତେମ ପ୍ରତିଷ୍ଠା ଦିବସ ପାଳନ କରିବ। ଇତିହାସ ଓ ସଂସ୍କୃତି ପାଇଁ ପ୍ରସିଦ୍ଧ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମି ଭାବେ ଲୋକପ୍ରିୟ ଓଡ଼ିଶାର ଆଉ ଏକ ପରିଚୟ ବିଷୟରେ ଆମେ ସମସ୍ତେ ଜାଣିବା ଉଚିତ୍। ଏହା ହେଉଛି 1817ର ପାଇକ ବିଦ୍ରୋହ, ଯାହାକି ବାସ୍ତବରେ ଥିଲା ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ପ୍ରଥମ ସଶସ୍ତ୍ର ବିଦ୍ରୋହ....**

ନିକଟରେ ଉତ୍ତର ପ୍ରଦେଶରେ ମହାରାଜା ସୁହେଲଦେବ ସ୍ମାରକୀକୁ ଉଦଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ : "ଉପନିବେଶବାସୀ ଶକ୍ତି ଏବଂ ଉପନିବେଶବାଦ ମାନସିକତାଧାରୀମାନଙ୍କ ଦ୍ୱାରା ରଚିତ ଇତିହାସ କେବଳ ଭାରତର ଇତିହାସ ନୁହେଁ। ବରଂ ଭାରତର ଇତିହାସ ଲୋକକଥା ରୂପରେ ଗୋଟିଏ ପିଢ଼ିରୁ ଆଉ ଗୋଟିଏ ପିଢ଼ିକୁ ସ୍ଥାନାନ୍ତରିତ ହୋଇ ଜନସାଧାରଣଙ୍କ ଭିତରେ ବଞ୍ଚି ରହିଛି।" ଓଡ଼ିଶା କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କର ଏହି ମନ୍ତବ୍ୟ ଅତ୍ୟନ୍ତ ପ୍ରଯୁଜ୍ୟ ମନେ ହୋଇଥାଏ।

ସମ୍ରାଟ ଅଶୋକଙ୍କ ଅହିଂସା ନୀତିର ପ୍ରଚାରପ୍ରସାର କରିବାର ଗୌରବ ବହନ କରୁଥିବା ଓଡ଼ିଶା ମଧ୍ୟ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛି। 1857 ବିଦ୍ରୋର 40 ବର୍ଷ ପୂର୍ବରୁ 1817ରେ ଓଡ଼ିଶାରେ ଜଳି ଉଠିଥିବା ବିଦ୍ରୋହ ପ୍ରଥମ ବହ୍ନି ଏବଂ ଏହା ପୂର୍ବ ଭାରତରେ ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ଦୋହଲାଇ ଦେଇଥିଲା। କିନ୍ତୁ ଇତିହାସ ଏହି ସଂଘର୍ଷକୁ ଅଣଦେଖା କରିଆସିଛି ଏବଂ କେବେହେଲେ ଉପଯୁକ୍ତ ମାନ୍ୟତା ଦେଇପାରିନାହିଁ। ପାଇକମାନେ ପ୍ରକୃତରେ ଥିଲେ ଓଡ଼ିଶାର ଗଜପତି ଶାସକମାନଙ୍କର ଅସଂଗଠିତ ସଶସ୍ତ୍ର କୃଷକ ଗୋଷ୍ଠୀ ଯେଉଁମାନେ ଯୁଦ୍ଧ ସମୟରେ ରାଜାମାନଙ୍କୁ ସାମରିକ ସେବା ଯୋଗାଇ ଦେଉଥିଲେ।

ଓଡ଼ିଶାର ଉତ୍ତରରେ ବଙ୍ଗ ପ୍ରଦେଶ ଏବଂ ଦକ୍ଷିଣରେ ମାଡ୍ରାସ ପ୍ରଦେଶ ଅକ୍ତିଆର କରିବା ପରେ 1803ରେ ବ୍ରିଟିଶ ଶାସକମାନେ ଓଡ଼ିଶା ଦଖଲ କରିଥିଲେ। ସେହି ସମୟରେ ଗଜପତି ରାଜା ମୁକୁନ୍ଦ ଦେବ ଦ୍ୱିତୀୟ ଏବଂ ତାଙ୍କର ସହାୟକ ଜୟୀ ରାଜଗୁରୁ ପ୍ରଥମେ ଏହାକୁ ବିଦ୍ରୋହ କରିଥିଲେ ମଧ୍ୟ ସେମାନଙ୍କୁ ବ୍ରିଟିଶରମାନେ ଦମନ କରି ଦେଇଥିଲେ। ଏହାର କିଛି ବର୍ଷ ପରେ ଗଜପତି ରାଜାମାନଙ୍କର ଅସଂଗଠିତ ସାମରିକ ବାହିନୀର ପାରମ୍ପରିକ ମୁଖ୍ୟ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହୀମାନେ ଜନଜାତି ଏବଂ ସମାଜର ଅନ୍ୟ ବର୍ଗର ଲୋକମାନଙ୍କ ସହିତ ମିଶି ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଦେଇଥିଲେ। 1817ରେ ଆରମ୍ଭ ହୋଇଥିବା ପାଇକ ବିଦ୍ରୋହ ଖୁବ ଦ୍ରୁତ ବେଗରେ ବ୍ୟାପିଯାଇଥିଲା। ବ୍ରିଟିଶମାନେ ସମ୍ପୂର୍ଣ୍ଣ ଶକ୍ତି ଖଟାଇ ବିଦ୍ରୋହକୁ ଦମନ କରିଥିଲେ। ବହୁ ସଂଗ୍ରାମୀଙ୍କୁ ଏହି ଦମନଲୀଳା ସମୟରେ ପ୍ରାଣବଳୀ ଦେବାକୁ ପଡ଼ିଥିଲା। ତେବେ ଅଧିକାଂଶ ବିଦ୍ରୋହୀ 1819 ପର୍ଯ୍ୟନ୍ତ ଗରିଲା ଯୁଦ୍ଧ ଜାରି ରଖିଥିଲେ, କିନ୍ତୁ ଶେଷରେ ଧରା ପଡ଼ି ପ୍ରାଣ ହରାଇଥିଲେ। ଶେଷରେ 1825ରେ ବକ୍ସି ଜଗବନ୍ଧୁ ଧରାପଡ଼ିଥିଲେ ଓ ବନ୍ଦୀ ଥିବା ସମୟରେ ପ୍ରାଣ ହରାଇଥିଲେ। ପାଇକ ବିଦ୍ରୋହର 200 ବର୍ଷ ପୂର୍ତ୍ତି ଉପଲକ୍ଷେ ସରକାର ଏହାକୁ ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ କରିବା ନିମନ୍ତେ ଘୋଷଣା କରିଛନ୍ତି। ■

# ସାମାଜିକ ସମତାର ଶକ୍ତି କେନ୍ଦ୍ର

ମାନବ ଇତିହାସରେ ଏପରି ଏକ ସମୟ ମିଳିବା ବିରଳ ଯେତେବେଳେ ପ୍ରଚଳିତ ରୁଢ଼ିବାଦୀ ବିଶ୍ୱାସ ଓ ଜାତିଗତ ଭେଦଭାବକୁ ଦୂର କରିବା ଲାଗି ଯୁକ୍ତି, କର୍ମ ଏବଂ ବୁଦ୍ଧିର ଶକ୍ତି ମାଧ୍ୟମରେ ପ୍ରୟାସ କରାଯାଇନଥିବ। ଆଜି ଦେଶ ସେହି ମହାନ ନେତା ଓ ସମାଜ ସଂସ୍କାରକ ବାବାସାହେବ ଆମ୍ବେଦକରଙ୍କୁ ତାଙ୍କର 131ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଉଛି ଯିଏକି ଏକ ସନ୍ତୁଳିତ ସମାଜ ଗଠନ କରିବା ଲାଗି ନିଜକୁ ସମର୍ପି ଦେଇଥିଲେ। ବାବା ସାହେବ କେବଳ ଭାରତର ସମ୍ବିଧାନ ପ୍ରଣୟନରେ ପ୍ରମୁଖ ଭୂମିକା ଗ୍ରହଣ କରିନଥିଲେ, ବରଂ ଏକ ସନ୍ତୁଳିତ ସାମାଜିକ ଢାଞ୍ଚା ନିର୍ମାଣ କରିବା ଲାଗି ପ୍ରେରଣା ସାଜିଥିଲେ।....



ବାବାସାହେବ ଆମ୍ବେଦକରଙ୍କ ଜନ୍ମ ଏପ୍ରିଲ 14, 1891ରେ ବ୍ରିଟିଶ ଶାସନାଧୀନ କେନ୍ଦ୍ରୀୟ ଭାରତ ପ୍ରାନ୍ତ ଅନ୍ତର୍ଗତ ମୌହ ମ୍ୟୁନିସିପାଲ ମିଲିଟାରୀ କ୍ୟାଣ୍ଟନମେଣ୍ଟରେ ହୋଇଥିଲା। ତାଙ୍କ ପିତା ଥିଲେ ମାଲୋଜି ସକପାଲ ଏବଂ ମାତା ଥିଲେ ଭୀମାବାଇ। ତାଙ୍କର ପିଲାଦିନ ଦାରିଦ୍ର୍ୟ ଏବଂ ସାମାଜିକ ବିଷମତା କାରଣରୁ ଘୋର ଦୁଃଖଦୁର୍ଦ୍ଦଶା ମଧ୍ୟରେ କଟିଥିଲା। ପିଲାଦିନେ ଜାତିଗତ କାରଣରୁ ତାଙ୍କୁ ବାଛବିଚାରର ସମ୍ମୁଖୀନ ହେବାକୁ ପଡ଼ିଥିଲା।

ତାଙ୍କର ପିତା ରାମଜୀ ସକପାଲ ତାଙ୍କୁ ଭିଓ୍ବା ରାମଜୀ ଆମ୍ବେଦକର ନାମରେ ସତାରା ସରକାରୀ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇ ଦେଇଥିଲେ। ଭିଓ୍ବା ଥିଲା ତାଙ୍କ ପିଲାଦିନର ନାମ। ତେଣୁ ସକପାଲ ପରିବର୍ତ୍ତେ ତାଙ୍କର ସାଙ୍ଗିଆ ଗାଁର ନାମାନୁସାରେ ଆମ୍ବେଦକର ରଖାଯାଇଥିଲା। କୋଙ୍କଣ ଅଞ୍ଚଳର ଲୋକମାନେ ସେମାନଙ୍କର ଗ୍ରାମର ନାମ ଅନୁସାରେ ସାଙ୍ଗିଆ ରଖୁଥିଲେ ତେଣୁ ତାଙ୍କର ଗ୍ରାମର ନାମାନୁସାରେ ସ୍କୁଲରେ ତାଙ୍କର ସାଙ୍ଗିଆ ଆମ୍ବଡ଼ଭେକର ରଖାଗଲା। କାରଣ ତାଙ୍କ ଗ୍ରାମର ନାମ ଆମ୍ବଡଭେ ଥିଲା। କିନ୍ତୁ ଜଣେ ବ୍ରାହ୍ମଣ ଶିକ୍ଷକ କୃଷ୍ଣ ମହାଦେବ ଆମ୍ବେଦକର ତାଙ୍କୁ ଅତି ଭଲ ପାଉଥିବାରୁ ତାଙ୍କର ସାଙ୍ଗିଆକୁ 'ଆମ୍ବଡଭେକର'ରୁ ବଦଳାଇ 'ଆମ୍ବେଦକର' ରଖି ଦେଇଥିଲେ। ସେବେଠାରୁ ସେ ଆମ୍ବେଦକର ନାମରେ ପରିଚିତ ହେଲେ।

**ବାବା ସାହେବଙ୍କୁ ତାଙ୍କ 131ତମ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି**

1907ରେ ମାଟ୍ରିକୁଲେସନ ଶିକ୍ଷା ସମାପ୍ତ କରିବା ପରେ ସେ ପରବର୍ତ୍ତୀ ବର୍ଷ ଇଲଫିନଷ୍ଟୋନ କଲେଜରେ ନାମ ଲେଖାଇଥିଲେ। ପରେ, ସେ ଉଚ୍ଚ ଶିକ୍ଷା ଲାଭ କରିବା ନିମନ୍ତେ ବିଦେଶ ଯାତ୍ରା କରିଥିଲେ। ଏପରିକି ଭାରତ ସ୍ୱାଧୀନ ହେବା ପୂର୍ବରୁ ତାଙ୍କୁ ଶ୍ରମ ମନ୍ତ୍ରୀ ଭାବେ ଭାଇସରଏଙ୍କ କାର୍ଯ୍ୟନିର୍ବାହୀ ପରିଷଦରେ ମନ୍ତ୍ରୀ ଭାବେ ସାମିଲ କରାଯାଇଥିଲା। ତାଙ୍କ ଅଧୀନରେ ପୂର୍ତ୍ତ ବିଭାଗ ମଧ୍ୟ ଥିଲା। ପୂର୍ତ୍ତ ବିଭାଗରୁ କାମ ପାଇବା ଲାଗି ଠିକାଦାରମାନେ ନାନା ପ୍ରଲୋଭନ ଦେଖାଉଥିଲେ। ଥରେ ଆମ୍ବେଦକରଙ୍କ ପୁଅ ଯଶଓ୍ବନ୍ତ ରାଓଙ୍କ ନିକଟକୁ ଜଣେ ପ୍ରଭାବଶାଳୀ ଠିକାଦାର ତାଙ୍କ ପୁଅକୁ ପଠାଇଲେ। ତାଙ୍କ ପାଇଁ ଏକ ଠିକା କାମ ଆଣିପାରିଲେ ସେ ତାଙ୍କୁ 20-25 ପ୍ରତିଶତ କମିଶନ ଦେବେ ବୋଲି କହିଥିଲେ। ଏହି ପ୍ରସ୍ତାବ ସମ୍ପର୍କରେ ପୁଅ ତାଙ୍କୁ କହିବା ପରେ ବାବାସାହେବ ଭୀଷଣ ରାଗି ଯାଇଥିଲେ। ସେ କହିଥିଲେ, "ମୁଁ କେବଳ ଏଠାକୁ ସମାଜର ଉଦ୍ଧାର ଲକ୍ଷ୍ୟ ନେଇ ଆସିଛି। ମୁଁ ଏଠାକୁ ମୋର ସମ୍ପତ୍ତି ବଢ଼ାଇବା ଲାଗି ଆସିନାହିଁ। ଏପରି ପ୍ରଲୋଭନ ମୋତେ ମୋର ଲକ୍ଷ୍ୟପଥରୁ ବିଚ୍ୟୁତ କରିପାରିବ ନାହିଁ।" ତାଙ୍କ ପୁତ୍ରକୁ ଖାଲି ହାତରେ ଫେରିବାକୁ ପଡ଼ିଲା।

ଅଗଷ୍ଟ 15, 1947ରେ ଭାରତ ସ୍ୱାଧୀନ ହେବା ପରେ ଆମ୍ବେଦକରଙ୍କୁ ଦେଶର ପ୍ରଥମ ଆଇନ ମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଥିଲା। ଅଗଷ୍ଟ 29, 1947ରେ ଆମ୍ବେଦକରଙ୍କୁ ସମ୍ବିଧାନ ପ୍ରସ୍ତୁତି ସଭାର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ଡିସେମ୍ବର 6, 1956ରେ ଶୋଇଥିବା ଅବସ୍ଥାରେ ଦିଲ୍ଲୀରେ ତାଙ୍କର ଦେହାନ୍ତ ଘଟିଥିଲା। 1990ରେ ତାଙ୍କୁ ମରଣୋତ୍ତର 'ଭାରତ ରତ୍ନ' ପୁରସ୍କାର ପ୍ରଦାନ କରାଯାଇଥିଲା।■




# ସ୍ୱାଧୀନତାର 75ତମ ବର୍ଷ ପୂର୍ତ୍ତି; ଶତବାର୍ଷିକୀ ପାଇଁ ସଂକଳ୍ପ

## ॥ 'ଉତ୍ସବେନ ବିନା ଯସ୍ମାତ୍ ସ୍ଥାପନମ୍ ନିଷ୍ଫଳମ୍ ଭବେତ୍' ॥

ଅର୍ଥାତ୍, ଉତ୍ସବ ପାଳନ ବିନା କୌଣସି ପ୍ରୟାସ, ସଂକଳ୍ପ ସଫଳ ହୋଇନଥାଏ। ଯେତେବେଳେ ଏକ ସଂକଳ୍ପ ପାର୍ବଣର ରୂପ ନେଇଥାଏ, ଲକ୍ଷ ଲକ୍ଷ ଲୋକମାନଙ୍କର ସଂକଳ୍ପ ଓ ଶକ୍ତି ଏକତ୍ରିତ ହୋଇଥାଏ। ଏହି ଭାବନା ସହିତ 130 କୋଟି ଦେଶବାସୀଙ୍କୁ ନେଇ ସ୍ୱାଧୀନତାର 75ତମ ବର୍ଷ ପୂର୍ତ୍ତି ସମାରୋହ ପାଳନ କରାଯିବା ଆରମ୍ଭ ହୋଇଛି, ସଂଯୋଗବଶତଃ ଦାଣ୍ଡି ଯାତ୍ରାର ୨1ତମ ବର୍ଷପୂର୍ତ୍ତି ଅବସରରେ ଏହା ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ବିଶ୍ୱ ସମ୍ମୁଖରେ ଭାରତର 75ବର୍ଷର ଉପଲବ୍ଧି ପ୍ରଦର୍ଶିତ କରିବା ନିମନ୍ତେ ଉଦ୍ଦିଷ୍ଟ। ଏହା ମଧ୍ୟ ଆସନ୍ତା 25 ବର୍ଷ ଲାଗି ଏକ ଯୋଜନା ପ୍ରସ୍ତୁତ କରିବା ଓ ସଂକଳ୍ପ ନେବା ଦିଗରେ ସହାୟକ ହୋଇପାରିବ...

ଆଜାଦୀ କା ଅମୃତ ମହୋତ୍ସବର ଅର୍ଥ ହେଉଛି ସ୍ୱାଧୀନତାର ଅମୃତ ଶକ୍ତି, ସଂଗ୍ରାମୀମାନଙ୍କର ସଂଘର୍ଷର ଅମୃତ ପ୍ରେରଣା ଗ୍ରହଣ କରିବା ଏବଂ ନୂତନ ବିଚାର ଓ ସଂକଳ୍ପ ନେବା। ଗୌରବଶାଳୀ ଇତିହାସ ଓ ବିକାଶଯାତ୍ରା ସହିତ ଆମ ଦେଶ ସ୍ୱାଧୀନତାର 75ତମ ବର୍ଷରେ ପ୍ରବେଶ କରୁଥିବା ସମୟରେ 2047ରେ ଶତବାର୍ଷିକୀ ସୁଦ୍ଧା ଆତ୍ମନିର୍ଭରଶୀଳ ହେବାର ସଂକଳ୍ପ ନେଇ ଆଗକୁ ବଢ଼ିବା ଲାଗି ପ୍ରସ୍ତୁତ ହୋଇସାରିଛି। ଏହା ସାବରମତୀ ଆଶ୍ରମରୁ ମାର୍ଚ୍ଚ 12 ତାରିଖରେ ଦାଣ୍ଡିଯାତ୍ରାର ଐତିହାସିକ ଦିନ ଠାରୁ ଆରମ୍ଭ ହୋଇଛି। ସାବରମତୀ ଆଶ୍ରମରୁ 'ପଦଯାତ୍ରା'କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପତାକା ହଲାଇ ଶୁଭାରମ୍ଭ କରିବା ପରେ ଦେଶବ୍ୟାପୀ ଆଜାଦୀ କା ଅମୃତ ମହୋତ୍ସବ ଆରମ୍ଭ ହୋଇସାରିଛି। ଏହି ଅବସରରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ସ୍ୱାଧୀନତା ସଂଗ୍ରାମ, 75ରେ ସଂକଳ୍ପ, 75ରେ ବିଚାର, 75ରେ

## ଅମୃତ ମହୋତ୍ସବର ପାଞ୍ଚଟି ସ୍ତମ୍ଭ




> ବିଶ୍ୱ ସମ୍ମୁଖରେ ଭାରତର 75ବର୍ଷର ଉପଲବ୍ଧି ପ୍ରଦର୍ଶିତ କରିବା ଏବଂ ଆସନ୍ତା 25 ବର୍ଷ ଲାଗି ଯୋଜନା ପ୍ରସ୍ତୁତ କରିବା ଓ ସଂକଳ୍ପ ନେବା ଲାଗି ଏହି କାର୍ଯ୍ୟକ୍ରମ ଆମକୁ ଏକ ସୁଯୋଗ ଆଣିଦେବ। ଆମେ ଯେଉଁଠିଥିବା, ବିଶ୍ୱରେ ଆମର ସ୍ଥିତି ଯାହାଥିବ, ଆମେ 2047ରେ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବା ସମୟରେ ଭାରତକୁ କେତେଦୂର ଆଗେଇ ନେଇପାରିବା। ଏଥିପାଇଁ ସ୍ୱାଧୀନତାର 75 ବର୍ଷ ଏବଂ ସ୍ୱାଧୀନତା ସଂଗ୍ରାମ ଆମକୁ ଅନୁପ୍ରାଣିତ କରିବ। 75 ବର୍ଷ ପୂର୍ତ୍ତି ସମାରୋହ ଏକ ମଞ୍ଚ ପ୍ରସ୍ତୁତ କରିବ ଯାହା ଆମକୁ ଭାରତର ସ୍ୱାଧୀନତାର ଶତବାର୍ଷିକୀ ପାଳନ ପାଇଁ ମାର୍ଗଦର୍ଶନ କରିବ, ପ୍ରେରଣା ଦେବ ଏବଂ ଉପଲବ୍ଧିର ଏକ ଭାବନା ସୃଷ୍ଟି କରିବ।
>
> **ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ଲାଗି କ୍ୟୁଆର କୋଡ୍ ସ୍କାନ କରନ୍ତୁ

## ଅମୃତ ମହୋତ୍ସବ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ

- ଭାରତ @75 ଅନ୍ତର୍ଗତ ଚୂଡ଼ାନ୍ତ କରାଯାଇଥିବା କାର୍ଯ୍ୟକ୍ରମ ଉଦଘାଟିତ। ଏଥିରେ ରହିଛି ଚଳଚ୍ଚିତ୍ର, ୱେବସାଇଟ୍, ଗୀତ, ଆତ୍ମନିର୍ଭରଶୀଳ ଚରଖା ଏବଂ ଆତ୍ମନିର୍ଭରଶୀଳ ଇନକ୍ୟୁବେଟର।
- ଏହିସବୁ କାର୍ଯ୍ୟକ୍ରମ ବ୍ୟତୀତ ଦେଶର ଅଦମ୍ୟ ସାହସକୁ ପ୍ରଦର୍ଶିତ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ସାମିଲ ରହିଛି ସଙ୍ଗୀତ, ନୃତ୍ୟ, ବକ୍ତୃତା ଏବଂ ଉପକ୍ରମଣିକା ପଠନ (ପ୍ରତ୍ୟେକ ଧାଡ଼ି ଭିନ୍ନ ଭିନ୍ନ ଭାଷାରେ ଯାହାକି ଦେଶର ଭିନ୍ନ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବ)। ଯୁବଶକ୍ତିକୁ ଭାରତର ଭବିଷ୍ୟତ ଭାବେ ପ୍ରଦର୍ଶିତ କରି 75ଜଣ କଣ୍ଠଶିଳ୍ପୀ ଓ 75ଜଣ ନର୍ତ୍ତକମାନଙ୍କୁ ନେଇ 'ଗାୟକ ବୃନ୍ଦ' (ସମବେତ ସଙ୍ଗୀତ) ଗାନ କରାଯିବ।

ସଫଳତା, 75ରେ ପଦକ୍ଷେପ ଆଦି ଭାରତକୁ ଆଗକୁ ବଢ଼ିବା ସକାଶେ ଅନୁପ୍ରାଣିତ କରିବ। ଦେଶର ମହାନଯୋଦ୍ଧାମାନଙ୍କ ସମ୍ପର୍କରେ ଇତିହାସକୁ ସଂରକ୍ଷିତ କରିବା ଲାଗି ବିଗତ 6 ବର୍ଷ ଧରି ସରକାର କରୁଥିବା ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରି ସେ କହିଥିଲେ ଯେ ଏହା ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବ। ଦେଶର ଅତୀତ ସହ ଯୋଡ଼ି ହୋଇଥିବା ଅଭିନବ କାହାଣୀଗୁଡ଼ିକୁ ଆବିଷ୍କାର କରିବା ଏବଂ ସେଗୁଡ଼ିକୁ ଜୀବନ୍ତ ଆକାରରେ ପ୍ରସ୍ତୁତ କରିବା ନିମନ୍ତେ କଳା, ସାହିତ୍ୟ, ନାଟକ, ଚଳଚ୍ଚିତ୍ର ଏବଂ ଡିଜିଟାଲ ମନୋରଞ୍ଜନ କ୍ଷେତ୍ର ସହିତ ଜଡ଼ିତ ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ନିବେଦନ କରିଥିଲେ।

**259-ଜଣ ସଦସ୍ୟ ଥିବା ସମିତି ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଯୋଜନା**

କେନ୍ଦ୍ର ସରକାର ଜାତୀୟ ଏବଂ ଅନ୍ତର୍ଜାତୀସ୍ତରରେ ସ୍ୱାଧୀନତାର 75 ବର୍ଷ ପୂର୍ତ୍ତି ସମାରୋହକୁ ଅମୃତ ମହୋତ୍ସବ ଭାବେ ପାଳନ କରିବାକୁ ସ୍ଥିର କରିଛନ୍ତି। ସ୍ୱାଧୀନତା ସଂଗ୍ରାମର ଭାବନା ଓ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ସହିତ ନୂତନ ଭାରତ ନିର୍ମାଣର ସଂକଳ୍ପ ସହିତ ଏହାକୁ ପାଳନ କରାଯିବ। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ 259 ଜଣିଆ ସମିତି ଗଠନ କରାଯାଇଛି ଯେଉଁଥିରେ ପୂର୍ବତନ ରାଷ୍ଟ୍ରପତି ମାନଙ୍କ ସମେତ ସମାଜର ବିଶିଷ୍ଟ ବ୍ୟକ୍ତି ଓ ନାଗରିକମାନେ ସାମିଲ ରହିଛନ୍ତି। ଏହାଛଡ଼ା କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକାରୀ ସମିତି ଏବଂ ବିଭିନ୍ନ ମନ୍ତ୍ରଣାଳୟର ସଚିବମାନଙ୍କୁ ନେଇ ଗଠିତ ଏକ ସମିତି ପୂର୍ବରୁ କାର୍ଯ୍ୟ ଆରମ୍ଭ କରି ଦେଇଛି।

# ଆଜାଦୀ କା ଅମୃତ ମହୋତ୍ସବ ପାଳନ ପାଇଁ ପ୍ରଦର୍ଶନୀ









- ଜନସଂପର୍କ ଓ ଯୋଗାଯୋଗ ବ୍ୟୁରୋ (ବିଓସି) ପକ୍ଷରୁ ଦେଶର ୩୨ଟି ସ୍ଥାନରେ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାୱେଡକର ୨୦୨୧ ମାର୍ଚ୍ଚ ୧୩ରେ ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ ମିଡିଆ ସେଣ୍ଟରରେ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ ।
- ସୂଚନା ଓ ପ୍ରସାରଣ ମନ୍ତ୍ରୀ ମଧ ଜାମ୍‌ମୁ କାଶ୍ମୀରର ଶମ୍ଭା, ବେଙ୍ଗଲୁରୁ, ପୁଣେ, ଭୁବନେଶ୍ୱର, ମଣିପୁରର ମୋଇରାଙ୍ଗ ଏବଂ ପାଟନାଠାରେ ଆୟୋଜିତ ପ୍ରଦର୍ଶନୀକୁ ଭର୍ଚୁଆଲ ବ୍ୟବସ୍ଥାରେ ଉଦ୍‌ଘାଟନ କରିଥିଲେ ।
- ଏହିସବୁ ପ୍ରଦର୍ଶନୀ ମୁକ୍ତି ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହିତ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ଆୟୋଜିତ ହୋଇଥିଲା ।
- ଏସବୁ ପ୍ରଦର୍ଶନୀର ଏକ ଡିଜିଟାଲ ରୂପ ପ୍ରସ୍ତୁତ କରାଯାଉଛି । ଆସନ୍ତା ଅଗଷ୍ଟ ୧୫ ତାରିଖ ପୂର୍ବରୁ ଏହାକୁ ଉନ୍ମୋଚିତ କରାଯିବ ।

*ସ୍ୱାଧୀନତା ପରଠାରୁ ଆମେ ଏଯାଏଁ କିପରି ଆସିଛୁ ତାହା ମନେ ପକାଇବା ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । ଆହୁରି ମଧ ଆସନ୍ତା ୨୫ ବର୍ଷରେ ଆମର ଉପଲବ୍‌ଧି କଣ ହେବ ତାହାର ରୂପରେଖ ପ୍ରସ୍ତୁତ କରିବା ବିଶେଷ ଗୁରୁତ୍ୱ ବହନ କରେ । ଯେଉଁସବୁ ପ୍ରଦର୍ଶନୀ ଏ ସଂପର୍କରେ ଆୟୋଜିତ ହେଉଛି ଏହି ଦୁଇଟି ବିଷୟରେ ଲୋକଙ୍କୁ ସଚେତନ କରାଇବା ସେସବୁର ମୁଖ୍ୟ ଉଦ୍ଦେଶ୍ୟ । ବହୁମୂଲ୍ୟ ଦେଇ ଆମକୁ ସ୍ୱାଧୀନତା ମିଳିଛି ଏବଂ ଏହିସବୁ ପ୍ରଦର୍ଶନୀରେ ସେସବୁ ତ୍ୟାଗ ଓ ତୀତିକ୍ଷାର କାହାଣୀ ବର୍ଣ୍ଣିତ ।*

*- ପ୍ରକାଶ ଜାୱେଡକର*

**ଏହି ଉତ୍ସବ କିପରି ପାଳିତ ହେବ**

ସ୍ୱାଧୀନତାର ୭୫ ବର୍ଷ ପାଳନ ପାଇଁ ଗଠିତ କମିଟିର ପ୍ରଥମ ବୈଠକରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆୟୋଜିତ ହେବାକୁ ଥିବା ଉତ୍ସବରେ ପାରମ୍ପରିକ ଭାରତର ଗୌରବ ସହିତ ଆଧୁନିକ ଭାରତର ଗରିମା ଉଭୟ ସ୍ଥାନ ପାଇବା ଉଚିତ । ଏହାଛଡା ଗତ ୭୫ ବର୍ଷ ମଧରେ ଆମର ବିଶେଷ ଉପଲବ୍‌ଧିକୁ ବିଶ୍ୱ ଆଗରେ ଉପସ୍ଥାପନ କରିବାର ଏକ ସୁଯୋଗ ଏହି ଉତ୍ସବ ପ୍ରଦାନ କରିଛି । ଆଗାମୀ ୨୫ ବର୍ଷ ମଧରେ ଆମର ସଂକଳ୍ପ ଓ କାର୍ଯ୍ୟସୂଚୀ ମଧ ଏଥିରେ ସ୍ଥାନ ପାଇବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଧାରାବାହିକଭାବେ ବିଭିନ୍ନ କାର୍ଯ୍ୟକ୍ରମ ଭାରତ ସରକାରଙ୍କ ପକ୍ଷରୁ ଏହି ଅବସରରେ ଆୟୋଜିତ ହେବ । ଜନସହଯୋଗଭିତ୍ତିରେ ସରକାର ଏସବୁ ଉତ୍ସବ ପାଳନ କରିବେ । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିର ୭୫ ସପ୍ତାହ ପୂର୍ବରୁ ଦେଶର ବିଭିନ୍ନ ପ୍ରାନ୍ତରେ ଏ ସଂପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଆଗୁଆ ପାଳନ କରାଯାଉଛି । ଏ ସଂକ୍ରାନ୍ତ ସମସ୍ତ କାର୍ଯ୍ୟକ୍ରମ ଏକ ବର୍ଷ ଅର୍ଥାତ ୨୦୨୨ ଅଗଷ୍ଟରୁ ୨୦୨୩ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ଏକ ୱେବସାଇଟ- ସଭୟସବ୭୫ଅଭସମ.ସଭ ଆରମ୍ଭ ହୋଇଛି । ଆଜାଦୀ ଅମୃତ ମହୋତ୍ସବ ସଂକ୍ରାନ୍ତ ଏହି ୱେବସାଇଟରେ ୭୫ଟି କାର୍ଯ୍ୟକ୍ରମର ତାଲିକା ରହିଛି ; ଯାହା ଆସନ୍ତା ୭୫ ସପ୍ତାହ ଧରି ପାଳିତ ହେବ । ■



# ଭାରତୀୟ ନୌବାଣିଜ୍ୟ ଉଦ୍ୟୋଗକୁ ବିଶ୍ୱ ମାନକର ସମକକ୍ଷ କରିବା ପ୍ରୟାସ


**୨୦୧୪ଠାରୁ ଦେଶର ପ୍ରମୁଖ ବନ୍ଦରଗୁଡିକର ବାର୍ଷିକ ଦକ୍ଷତା ଦ୍ୱିଗୁଣିତ ହୋଇଛି । ଏଭଳି ପରିସ୍ଥିତିରେ ଭାରତ ନିଜର ନୌବାଣିଜ୍ୟ ଦକ୍ଷତା ବୃଦ୍ଧି କରିବା ପାଇଁ ବିଶେଷ ତତ୍ପର ହୋଇଉଠିଛି ଏବଂ ନୀଳ ଅର୍ଥନୀତିରେ ବିଶ୍ୱରେ ଏକ ପ୍ରମୁଖ ସ୍ଥାନ ହାସଲ କରିବାକୁ ଉଦ୍ୟମ ଆରମ୍ଭ କରିଛି। ମାରିଟାଇମ ସମ୍ମିଟ ୨୦୨୧ ମାର୍ଚ୍ଚ ୨ରୁ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହାର ଉଦ୍ଦେଶ୍ୟ ହେଲା ଆସନ୍ତା ଦଶନ୍ଧିରେ ଭାରତର ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ର ପାଇଁ ଏକ ବିକାଶଯାତ୍ରା ପ୍ରସ୍ତୁତ କରିବା ।**

"ଭାରତ ନିଜର ନୌବାଣିଜ୍ୟ କ୍ଷେତ୍ରର ବିକାଶ ପାଇଁ ବିଶେଷ ଆଗ୍ରହୀ ଏବଂ ବିଶ୍ୱର ନୀଳ ଅର୍ଥନୀତିର ଏକ ଉଦୀୟମାନ ଶକ୍ତିଭାବେ ମୁଣ୍ଡ ଟେକିବାକୁ ଉଦ୍ୟମଶୀଳ । ଭାରତ ଆସି ଏହାର ଅଭିବୃଦ୍ଧିରେ ଅଂଶୀଦାର ହେବାକୁ ମୁଁ ସମଗ୍ର ବିଶ୍ୱକୁ ନିମନ୍ତ୍ରଣ ଜଣାଉଛି।" ମାରିଟାଇମ ସମ୍ମିଟ ୨୦୨୧ର ଉଦ୍‌ଘାଟନ ଉତ୍ସବରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱ ସମୁଦାୟକୁ ଏହି ଆହ୍ୱାନ ଜଣାଇଛନ୍ତି । ତାଙ୍କର ଏହି ଉଦ୍‌ବୋଧନରେ ସେ ଦେଶର ସାମୁଦ୍ରିକ ବନ୍ଦରଗୁଡିକର ବିକାଶ ଘଟାଇ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ପୂରଣ କରିବା ପାଇଁ ବାର୍ତ୍ତା ଦେଇଛନ୍ତି । ଭାରତ ଏକ ସାମୁଦ୍ରିକ ବାଣିଜ୍ୟ ଲକ୍ଷ୍ୟ ନୀତି ପ୍ରସ୍ତୁତ କରିଛି; ଯାହା ଏମ୍ଆଇଭି ୨୦୩୦ ନାମରେ ପରିଚିତ । ଏଥିରେ ନୌବାଣିଜ୍ୟ କ୍ଷେତ୍ରର ବିକାଶ ଘଟାଇ ବିଶ୍ୱରେ ପ୍ରମୁଖ ସ୍ଥାନ ହାସଲ କରିବା ଉଦ୍ଦେଶ୍ୟ ନିହିତ । ଏହି ଶିଖର ସମ୍ମିଳନୀରେ ବିଭିନ୍ନ ଦେଶର ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ସେମାନେ ମଧ୍ୟ ଭାରତ ସହିତ ବାଣିଜ୍ୟ କାରବାର ସ୍ଥାପନ ନେଇ ବିଭିନ୍ନ ସମ୍ଭାବନା ଓ ସୁବିଧା ସୁଯୋଗ ଅନୁଧ୍ୟାନ କରିଥିଲେ । ଏହି ୩ ଦିନିଆ ଶିଖର ସମ୍ମିଳନୀର ଅଂଶୀଦାର ଥିଲା ଡେନମାର୍କ । ଭାରତର ସାମୁଦ୍ରିକ ନୌବାଣିଜ୍ୟ ବୃଦ୍ଧି ନେଇ ଯେଉଁ ଯୋଜନା ରହିଛି ସେଥିରେ ଦେଶର ୭୫୦୦ କିମି ଲମ୍ବ ସାମୁଦ୍ରିକ ରେଖାର ବିକାଶ ଘଟାଇ ଅଧିକରୁ ଅଧିକ ବୃହତ୍ ବନ୍ଦର ସୃଷ୍ଟି କରିବା ଗୁରୁତ୍ୱ ଲାଭ କରିଛି । ଏଥିପାଇଁ ସାଗରମାଳା ପ୍ରକଳ୍ପ ଅଧୀନରେ ୫୩୪ଟି ପ୍ରକଳ୍ପ ଚିହ୍ନଟ ହୋଇଛି ଏବଂ ସେଥିପାଇଁ ୬ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ । ୨୦୩୫ ସୁଦ୍ଧା ଏହିସବୁ ପ୍ରକଳ୍ପର କାର୍ଯ୍ୟ ଶେଷ ହେବ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମାରିଟାଇମ ଭିଜନ ୨୦୩୦ରେ ସରକାରଙ୍କ ଲକ୍ଷ୍ୟ ଅଗ୍ରାଧିକାର ପାଇଛି। ଘରୋଇ ଜଳପଥଗୁଡିକ ପରିବେଶ ଅନୁକୂଳ ଏବଂ ମୂଲ୍ୟ ଦୃଷ୍ଟିରୁ ସୁଲଭ ହୋଇଥିବାରୁ ଭାରତ ୨୦୩୦ ସୁଦ୍ଧା ଦେଶର ୨୩ଟି ଅନ୍ତର୍ଦେଶୀୟ ଜଳପଥକୁ ବ୍ୟବହାର ଉପଯୋଗୀ କରିବ । ■

## ମାରିଟାଇମ ଭିଜନ ୨୦୩୦

- ଏହି ଯୋଜନାରେ ମୋଟ ୩ ଲକ୍ଷରୁ ୩.୫ ଲକ୍ଷ କୋଟି ଟଙ୍କା ନିବେଶ କରାଯିବ ।
- ଏହା ମାଧ୍ୟମରେ ୨୦ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ ।
- ଏହା ୨୦ ହଜାର କୋଟି ଟଙ୍କାରୁ ଅଧିକ ବାର୍ଷିକ ରାଜସ୍ୱ ସଂଗ୍ରହ ପାଇଁ ବାଟ ଖୋଲିବ ।
- ବନ୍ଦରର ଦକ୍ଷତା ବୃଦ୍ଧି ଏବଂ ବିଶ୍ୱସ୍ତରୀୟ ଭିତ୍ତିଭୂମି ବିକାଶ ପାଇଁ ୧.୨୫ ଲକ୍ଷ କୋଟି ଟଙ୍କାର ନିବେଶ।
- ୮୦ ହଜାର କୋଟି ଟଙ୍କାର ନିବେଶରେ ଗୁଜରାଟ, ମହାରାଷ୍ଟ୍ର, ଓଡିଶା ଓ ପଶ୍ଚିମବଂଗରେ ଅତି ବୃହତ୍ ବନ୍ଦର ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯିବ ।
- ବିଝିନ୍‌ଜାମ୍ ବନ୍ଦରର କାର୍ଯ୍ୟକ୍ଷମ କରାଯିବ ଏବଂ ୨୦୩୦ ସୁଦ୍ଧା ଏହାର ପରିବହନ କ୍ଷମତା ୨୫ ଶତାଂଶରୁ ୭୫ ଶତାଂଶ ବା ତତୂର୍ଦ୍ଧ୍ୱ ବୃଦ୍ଧି କରାଯିବ ।
- ଏବେ ଅକ୍ଷୟ ଶକ୍ତିର ବ୍ୟବହାର ମାତ୍ର ୧୦ ପ୍ରତିଶତ କରାଯାଉଛି। ୨୦୩୦ ସୁଦ୍ଧା ଏହାକୁ ୬୦ ଭାଗ କରାଯିବ । ୨୦୨୨ ସୁଦ୍ଧା ବନ୍ଦରଗୁଡିକୁ ଦୁର୍ଘଟଣା ଓ ଅସ୍ୱାସ୍ଥ୍ୟକର ସ୍ଥିତିରୁ ସଂପୂର୍ଣ୍ଣ ମୁକ୍ତ କରାଯିବାକୁ ଉଦ୍ୟମ କରାଯିବ ।
- ୨୦୩୦ ସୁଦ୍ଧା ଭାରତ ଏକ ପ୍ରମୁଖ ଜାହାଜ ନିର୍ମାଣକାରୀ ରାଷ୍ଟ୍ରରେ ପରିଣତ ହେବ । ସ୍ୱଳ୍ପମୂଲ୍ୟ, ଦୀର୍ଘମିଆଦୀ, ଅର୍ଥଯୋଗାଣ ମାଧ୍ୟମରେ ସାମୁଦ୍ରିକ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମାରିଟାଇମ ବିକାଶ ପାଣ୍ଠି ଗଠନ କରାଯିବ ।
- ଘରୋଇ ଉଦ୍ୟୋଗର ଅଂଶୀଦାରୀ ବଢାଇବା ସହ ୨୦୩୦ ସୁଦ୍ଧା ପଣ୍ୟ କାରବାର କ୍ଷମତା ବର୍ତ୍ତମାନର ୫୧ ଶତାଂଶରୁ ୮୫ ଶତାଂଶକୁ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ରୋ-ପ୍ୟାକ୍ସ ଓ ଫେରିସେବାରେ ଘରୋଇ କ୍ଷେତ୍ରକୁ ପ୍ରୋତ୍ସାହିତ କରାଯିବ ।

# ରାଷ୍ଟ୍ର ନିର୍ମାଣର ନବାରମ୍ଭ
























ଅର୍ଥନୀତି ଉପରେ କରୋନା ମହାମାରୀର ପ୍ରଭାବ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ନିର୍ଦ୍ଧାରଣ କରିଛନ୍ତି । ଚଳିତବର୍ଷର କେନ୍ଦ୍ର ବଜେଟ ତାହାର ପ୍ରମାଣ । ଏଥିରେ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ, ଦୂରଦୃଷ୍ଟି ଓ ଅଙ୍ଗୀକାରବଦ୍ଧତା ସ୍ଥାନିତ ହୋଇଛି। ଏହା ଯଦି ରାଷ୍ଟ୍ରର ମନୋଭାବର ନିଦର୍ଶନ ବୋଲି କୁହାଯାଏ ଭୁଲ ହେବ ନାହିଁ । ପୁରୁଣା ପାରମ୍ପରିକ ରାସ୍ତାରୁ ହଟି ପ୍ରଥମଥର ପାଇଁ ଦେଶର ୭୦ ବର୍ଷର ସଂସଦୀୟ ଇତିହାସରେ ପ୍ରଧାନମନ୍ତ୍ରୀ ସମସ୍ତ ସଂପୃକ୍ତ ପକ୍ଷ, ବିଶେଷଜ୍ଞ ଏବଂ ବ୍ୟକ୍ତିବିଶେଷଙ୍କ ସହ ସିଧାସଳଖ କଥାବାର୍ତ୍ତା କରିଛନ୍ତି । ତାଙ୍କର ସଚ୍ଚୋଟ ଲକ୍ଷ୍ୟ ଏବଂ ପ୍ରସ୍ତାବଗୁଡିକୁ କାର୍ଯ୍ୟକାରୀ କରି ଆତ୍ମନିର୍ଭର ଭାରତ ସ୍ୱପ୍ନ ପୂରଣ କରିବା ପାଇଁ ସେ ଜନସାଧାରଣଙ୍କ ମତାମତ ଲୋଡିଛନ୍ତି ।

"ଦେଶର ଉଦ୍ୟୋଗ ଓ ବାଣିଜ୍ୟ ବ୍ୟବସାୟକୁ ସଂପୂର୍ଣ୍ଣ ସମର୍ଥନ ଯୋଗାଇଦେବା ସରକାରଙ୍କର କର୍ତ୍ତବ୍ୟ । ତେବେ ଆଜିର ସମୟରେ ସରକାରଙ୍କ ପକ୍ଷେ ନିଜେ ଉଦ୍ୟୋଗ ଚଳାଇବା ବା ବେପାର ବଣିଜ କରିବା ସମ୍ଭବ ନୁହେଁ । ସୁତରାଂ ବେପାର ବଣିଜରେ ସରକାରଙ୍କ କୌଣସି କାର୍ଯ୍ୟ ନାହିଁ । ସରକାର ଲୋକ କଲ୍ୟାଣକାରୀ ପ୍ରକଳ୍ପ ଓ କାର୍ଯ୍ୟରେ ଧ୍ୟାନକେନ୍ଦ୍ରିତ କରିବା ଆବଶ୍ୟକ । ସରକାର ଯେତେବେଳେ ବେପାର କରନ୍ତି ସେତେବେଳେ ବିପୁଳ କ୍ଷତିର ସମ୍ମୁଖୀନ ହୋଇଥାଆନ୍ତି ।"

ନିକଟରେ ଅନୁଷ୍ଠିତ ନିବେଶକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶର ବିକାଶର ମାନଚିତ୍ର ଉପସ୍ଥାପନ କରିବା ସହିତ ସେଥିରେ ନିଜର ଲକ୍ଷ୍ୟ ଉଲ୍ଲେଖ କରିଛନ୍ତି । ସେ ସ୍ପଷ୍ଟ କରିଦେଇଛନ୍ତି ଯେ ବଜେଟର ଯୋଜନା ଓ ଘୋଷଣା ଆଦିକୁ ଅନ୍ତିମ ବ୍ୟକ୍ତି ପାଖରେ ଠିକ ସମୟରେ ପହଞ୍ଚାଇବା କ୍ଷେତ୍ରରେ ଘରୋଇ ଉଦ୍ୟୋଗ ହିଁ ଏକମାତ୍ର ସରକାରଙ୍କ ବିଶ୍ୱାସନୀୟ ଅଂଶୀଦାର। ବଜେଟର କାର୍ଯ୍ୟକାରିତାରେ ସରକାରଙ୍କର ଏହା ହିଁ ମନ୍ତ୍ର । ସେ କହିଛନ୍ତି ଯେ ଏକଦା ସମୟ ଥିଲା ଯେତେବେଳେ ବଜେଟ ଏକ ଉତ୍ସବ ଭିତରେ ସୀମିତ ରହିଥିଲା । ଉପସ୍ଥାପନ ହେବା ପରେ ଏହାର କାର୍ଯ୍ୟକାରିତା ଉପରେ ବିଶେଷ ଧ୍ୟାନ ଦିଆଯାଉ ନ ଥିଲା । ଏବେ କିନ୍ତୁ ପ୍ରଥମଥର ପାଇଁ ସରକାର ଦେଶର ଇତିହାସରେ ପ୍ରମାଣିତ କରିଛନ୍ତି ଯେ ବଜେଟ କେବଳ ଏକ ମାମୁଲି ଔପଚାରିକତା ନୁହେଁ । କର୍ମଚାରୀଙ୍କୁ ଦରମା ଦେବା ଏବଂ ଅଳ୍ପ କେତେକ ଯୋଜନା ମାଧ୍ୟମରେ ସରକାରୀ ଲାଭ ପହଞ୍ଚାଇବା ବଜେଟର ସଂପୂର୍ଣ୍ଣ ଲକ୍ଷ୍ୟ ବା ଉଦ୍ଦେଶ୍ୟ ନୁହେଁ। କରୋନା ମହାମାରୀ ପରେ ଦେଶର ବିଭିନ୍ନ କ୍ଷେତ୍ରରେ ଯେଉଁ ସମ୍ଭାବନା ରହିଛି ତାହାକୁ ଅଗ୍ରାଧିକାରଭିତ୍ତିରେ ପୂରଣ କରିବା ପାଇଁ ବଜେଟ ମାଧ୍ୟମରେ ନୂଆ ପ୍ରୟାସ ଆରମ୍ଭ କରାଯାଇଛି ।

ଚଳିତବର୍ଷର ବଜେଟ ଏକ ଭିନ୍ନ ଶ୍ରେଣୀର । ସ୍ୱାଧୀନତାର ଶତବାର୍ଷିକୀ ପାଳନ ଅବସରରେ ଏହା ଏକ ଭିଜନ ଡକୁମେଣ୍ଟଭାବେ ଆତ୍ମପ୍ରକାଶ କରିଛି । ଏହି ଭିଜନ ବା ଲକ୍ଷ୍ୟକୁ ପୂରଣ କରିବା ପାଇଁ ବଜେଟର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଇଛି । ସେଥିପାଇଁ ପ୍ରତ୍ୟେକ ସଂପୃକ୍ତ ପକ୍ଷଙ୍କ ସହ କଥାବାର୍ତ୍ତା ଓ ମତାମତ ସଂଗ୍ରହର ଏକ ନୂଆ ଅଦ୍ୱିତୀୟ ଅନୁଭୂତି ମିଳିଛି । ଉଦ୍ୟୋଗସହ ମିଳିତଭାବରେ ଦେଶର ଅର୍ଥନୀତିର ଉନ୍ନତି ପାଇଁ ଘରୋଇ କ୍ଷେତ୍ର ସହିତ ନୂଆ ପ୍ରୟାସ ଆରମ୍ଭ ହୋଇଛି । ବିଶେଷଜ୍ଞ, ପ୍ରତିନିଧି, ପରାମର୍ଶଦାତା ଓ ଆର୍ଥିକ ଅନୁଷ୍ଠାନ ସମେତ ୯ଟି କ୍ଷେତ୍ରର ପ୍ରତିନିଧିମାନଙ୍କ ସହ ପ୍ରଧାନମନ୍ତ୍ରୀ ଧାରାବାହିକଭାବେ ୱେବିନାର ମାଧ୍ୟମରେ ମତବିନିମୟ କରିଛନ୍ତି । ଏହାର ମୌଳିକ ଲକ୍ଷ୍ୟ ହେଲା ବଜେଟର ଉପଯୁକ୍ତ ଓ ସଫଳ କାର୍ଯ୍ୟକାରିତା ପାଇଁ ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଏବଂ

**ସରକାର ଓ ଉଦ୍ୟୋଗ ମଧ୍ୟରେ ବଜେଟର କାର୍ଯ୍ୟକାରିତା ଘେନି ବିଶ୍ୱାସର ଏକ ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଛି**

**0.4%**

ଦେଶର ଜିଡିପି ହାର କରୋନା ସଂକ୍ରମଣର ତୃତୀୟ ତ୍ରୟମାସିକରେ ଥିଲା

ଅର୍ଥନୈତିକ ସର୍ଭେ ରିପୋର୍ଟ

**11%**

ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷରେ ଜିଡିପିର ଅଭିବୃଦ୍ଧି ହାର ୧୧% ହେବ ବୋଲି ଆଶା କରାଯାଉଛି






> **ପ୍ରଧାନମନ୍ତ୍ରୀ କହିଛନ୍ତି, "ଆମେ ଇତିମଧ୍ୟରେ ୫ଟି କ୍ଷୁଦ୍ର ବଜେଟ କରୋନା ମହାମାରୀ ସମୟରେ ଆଣି ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ଚେଷ୍ଟା କରିଛୁ ଏବଂ ଏହି ବଜେଟ ଚୂଡାନ୍ତ ନୁହେଁ ।"**

ଏଥିରେ ଘରୋଇ କଂପାନୀ ଓ ବିଭିନ୍ନ କ୍ଷେତ୍ରକୁ ସାମିଲ କରିବା ।


କରୋନା ମହାମାରୀ ସମୟରେ ବିଶ୍ୱରେ ଭାରତର ଭାବମୂର୍ତ୍ତିରେ ଉନ୍ନତି ଘଟିଥିଲା । ନିର୍ଦ୍ଦିଷ୍ଟଭାବେ ହସପିଟାଲ ନିର୍ମାଣ, ଭେଣ୍ଟିଲେଟର, ଏନ୍ ୯୫ ମାସ୍କ ଓ ପିପିଇ କିଟ୍ ପ୍ରସ୍ତୁତି ଏବଂ ସର୍ବୋପରି କରୋନା ବିରୋଧୀ ଟିକାର ବିକାଶ ଆଦି କାରଣ ପାଇଁ ସରକାରଙ୍କ ଭୂମିକା ଉଲ୍ଲେଖନୀୟ ଥିବାରୁ ସମଗ୍ର ବିଶ୍ୱରେ ଭାରତ ପ୍ରଶଂସାର ପାତ୍ର ହୋଇଥିଲା। ସରକାରଙ୍କ ଏହି କାମ ଯୋଗୁଁ ଘରୋଇ ଉଦ୍ୟୋଗ ଓ ଉଦ୍ୟମିତାର ବିଶ୍ୱାସ ବଢିଥିଲା ଏବଂ ସେମାନେ ଦେଶରେ ଏସବୁ ସାମଗ୍ରୀ ଉତ୍ପାଦନ କରି ଭାରତର ମର୍ଯ୍ୟାଦାକୁ ଏକ ନୂଆ ଉଚ୍ଚତାକୁ ନେଇଥିଲେ । ଏବେ ସବୁଠୁ ବଡ କଥା ହେଉଛି ଯେ ଯେଉଁ ନୂଆ ବିଶ୍ୱାସ ସୃଷ୍ଟି ହୋଇଛି ତାହାକୁ କିପରି ବ୍ୟବହାର କରାଯିବ ଏବଂ ଏଥିରୁ ଦେଶ ଆର୍ଥିକ ଲାଭ ଉଠାଇବ ।

**ସରକାରୀ ଓ ଘରୋଇ ଉଦ୍ୟୋଗ ମଧ୍ୟରେ ସରକାର ଏକ ସେତୁ**

ଏହା ନିଃସନ୍ଦେହ ଯେ ସ୍ୱାଧୀନତା ପରେ ଦେଶର ଅର୍ଥନୀତି ନିରନ୍ତରଭାବେ ବୃଦ୍ଧି ପାଇଥିଲା । ତେବେ ମୌଳିକ ଢାଞ୍ଚା କ୍ଷେତ୍ରରେ ବିକାଶ ଓ ସମନ୍ୱୟ ଯଥେଷ୍ଟ ଗୁରୁତ୍ୱ ପାଇ ନ ଥିଲା । ଅତଏବ ଏସବୁ ଢାଞ୍ଚା ଓ ସଫଳ ରୂପାୟନ କ୍ଷେତ୍ରରେ ଉତ୍ତମ ସମନ୍ୱୟ ଆଣିବା ପାଇଁ ପ୍ରଧାନମନ୍ତ୍ରୀ ଅଙ୍ଗୀକାରବଦ୍ଧ । ସେଥିପାଇଁ ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ ମନ୍ତ୍ର ଉପରେ ଗୁରୁତ୍ୱ ଦେଉଛନ୍ତି । କଂପାନୀ ଆଇନରେ ସଂଶୋଧନ, ଶ୍ରମ ଆଇନକୁ ଫୌଜଦାରୀ ବିଧି ମୁକ୍ତ କରିବା ଏବଂ ବେପାର ବଣିଜର ସୁଗମତା ଆଦି ପଦକ୍ଷେପ ମାଧ୍ୟମରେ ସରକାର ତାଙ୍କର ଉଦ୍ଦେଶ୍ୟ ସ୍ପଷ୍ଟ କରିଦେଇଛନ୍ତି । ଘରୋଇ ଉଦ୍ୟୋଗ ଏବଂ ସମ୍ପଦ ସୃଷ୍ଟିକାରୀଙ୍କ ପ୍ରତି ସରକାର ସଚେତନ ଏବଂ ସମ୍ବେଦନଶୀଳ ଥିବା ଏଥିରୁ ସ୍ପଷ୍ଟ ହୋଇଯାଇଛି । ପ୍ରଥମଥର ପାଇଁ ଦେଶର ତୁଙ୍ଗ ନେତୃମଣ୍ଡଳୀ ବଜେଟର ବ୍ୟବସ୍ଥାଗୁଡିକୁ ଉଚିତଭାବେ କାର୍ଯ୍ୟକାରୀ କରିବା ପାଇଁ ଅଙ୍ଗୀକାର ପ୍ରକାଶ କରି କାର୍ଯ୍ୟ କରୁଛନ୍ତି । ଏହା ଫଳରେ ବଜେଟ ଉପସ୍ଥାପନା କେବଳ ଏକ ଔପଚାରିକତାରେ ସୀମିତ ନ ରହି ବାସ୍ତବାଭିମୁଖି ହୋଇଛି । ଏହା ମଧ୍ୟ ଘରୋଇ ଉଦ୍ୟମୀମାନଙ୍କର ମାନସିକତାରେ କ୍ରମଶଃ ପରିବର୍ତ୍ତନ ଆଣୁଛି ।

ପୂର୍ବରୁ ଟିକସଦାତା ଓ ଉଦ୍ୟୋଗଜଗତ କଂପାନୀ ଟିକସ, ସୀମାଶୁଳ୍କ କିମ୍ବା ବଜେଟରେ ଟିକସ ଢାଞ୍ଚାର ପରିବର୍ତ୍ତନ ନେଇ ବିଶେଷ ଉଦ୍‌ବିଗ୍ନ ରହୁଥିଲେ । ସରକାର କିନ୍ତୁ ଏହି ଆଭିମୁଖ୍ୟକୁ ଏଥର ବଦଳାଇ ଦେଇଛନ୍ତି । ବଜେଟରେ ଉଦ୍ୟୋଗ ପାଇଁ ନୂଆ ଦାୟିତ୍ୱ ଓ ସୁଯୋଗ ସୃଷ୍ଟି କରାଯାଇଛି। ବିଶ୍ୱସ୍ତରୀୟ ଉତ୍ତମମାନର ସାମଗ୍ରୀ ଉତ୍ପାଦନ କରି ଆନ୍ତର୍ଜାତିକ ବଜାରରେ ନିଜର ଉପସ୍ଥିତି ଜାହିରି କରିବାକୁ ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ସେହିଭଳି ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ରାଶି ଯୋଗାଇ ଉଦ୍ୟୋଗ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇଛି । ୧୨ଟିରୁ ଅଧିକ କ୍ଷେତ୍ରରେ ପିଏଲ୍‌ଆଇ ଲାଗୁ କରାଯାଇଛି । ଏହା ଉଦ୍ୟୋଗ ବିଚାରଧାରାକୁ ବଦଳାଇବାରେ ସହାୟକ ହୋଇଛି । କରୋନା ମହାମାରୀ ସମୟରେ ବିଦେଶୀ ପୁଞ୍ଜି ନିବେଶ ପରିମାଣ ରେକର୍ଡ ସ୍ତରରେ ପହଞ୍ଚିଥିଲା । ଆହୁରି ମଧ୍ୟ ସରକାର ଘରୋଇ ଉଦ୍ୟୋଗ ବିଶେଷକରି କ୍ଷୁଦ୍ର, ଅଣୁ ଓ ମଧ୍ୟମ ଶିଳ୍ପଗୁଡିକୁ କରୋନା ପରବର୍ତ୍ତୀ ପରିସ୍ଥିତିରେ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦେଇ ସେମାନଙ୍କ ଆତ୍ମବିଶ୍ୱାସ ବଢାଇଛନ୍ତି । ଏସବୁର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ପଡିଛି ଏବଂ ଏହାର ଲାଭ ମିଳିବାକୁ ଆରମ୍ଭ କଲାଣି । ଦେଶରେ ଏବେ କାରର ଉତ୍ପାଦନ ଓ ବିକ୍ରିବଟା ବଢିଛି । ସେହିଭଳି ଯାତ୍ରୀବାହୀ ଯାନ ବିକ୍ରି ପରିମାଣ ଗତବର୍ଷ ତୁଳନାରେ ୧୮ ପ୍ରତିଶତ ବୃଦ୍ଧି ପାଇଛି । ଆର୍ଥିକ ସହଯୋଗ ଓ ବିକାଶ (ଓଇସିଡି) ସଂସ୍ଥାର ଆକଳନ

## ପିଏଲ୍ଆଇ: ପ୍ରୋତ୍ସାହନ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ



ସାଧାରଣ ବଜେଟ ଏବଂ ନୀତି ପ୍ରସ୍ତୁତି କେବଳ ଏକ ସରକାରୀ ପ୍ରକ୍ରିୟାଭାବେ ରହିବା ଅନୁଚିତ। ବାସ୍ତବରେ ଦେଶର ବିକାଶ ପ୍ରକ୍ରିୟାରେ ସବୁ ସଂପୃକ୍ତ ପକ୍ଷଙ୍କର ସଫଳ ସଂପୃକ୍ତି ରହିବା ଆବଶ୍ୟକ । ସେଥିପାଇଁ ଆତ୍ମନିୟନ୍ତ୍ରଣ ନୀତି, ଆତ୍ମପ୍ରମାଣନ, ଆତ୍ମପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା ଆଦି ପ୍ରଚଳନ କରାଯାଇ ନାଗରିକଙ୍କ ଉପରେ ସରକାର ବିଶ୍ୱାସ ପ୍ରକଟ କରିଛନ୍ତି । ଏଥିରେ ସରକାରୀ ହସ୍ତକ୍ଷେପର ଆଉ ନାହିଁ । ଆହୁରି ମଧ ଉଦ୍ୟୋଗ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ନୀତି ବା ପିଏଲ୍ଆଇ ଲାଗୁ କରିଛନ୍ତି । ଉଦ୍ୟୋଗ କ୍ଷେତ୍ର ପାଇଁ ଏହା ଏକ ବଡ଼ ଲାଭଦାୟକ ଘୋଷଣା ।

### ୧.୯୭ ଲକ୍ଷ କୋଟି ଟଙ୍କାର ପାଣ୍ଠି ବଜେଟରେ ପିଏଲଆଇ ସ୍କିମ୍ ପାଇଁ ବରାଦ୍ କରାଯାଇଛି । ଦେଶର ୧୩ଟି କ୍ଷେତ୍ର ପାଇ ୫ ବର୍ଷ ନିମନ୍ତେ ଏହା କାର୍ଯ୍ୟକାରୀ ହେବ

- ପୂର୍ବରୁ ଔଦ୍ୟୋଗିକ ପ୍ରୋତ୍ସାହନ କେବଳ ବିନିଯୋଗଭିତ୍ତିକ (ଇନ୍ପୁଟ) ସହାୟତାରେ ସୀମିତ ଥିଲା । ଏବେ ନୂଆ ବ୍ୟବସ୍ଥାରେ ୧୩ଟି ଉଦ୍ୟୋଗକୁ ପ୍ରୋତ୍ସାହନ ରାଶି ମିଳିବ । ସେମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନ ଓ ଲକ୍ଷ୍ୟ ପୂରଣ କଲେ ଏହି ସୁବିଧା ପାଇପାରିବେ ।
- ଖାଦ୍ୟ ପ୍ରକ୍ରିୟାକରଣ, ବୟନ, କୃଷି, ଆଇଟି, ଅଟୋ, ଔଷଧପତ୍ର ଆଦି କ୍ଷେତ୍ର ପାଇଁ ପିଏଲ୍ଆଇ ବ୍ୟବସ୍ଥା କରାଯାଇଛି । ଏହା ଫଳରେ ଏସବୁ ଉଦ୍ୟୋଗ ଆତ୍ମନିର୍ଭରଶୀଳ ହେବେ । ଔଷଧପତ୍ରର ଦାମ ମଧ ଦେଶରେ କମିବ ।
- ଉର୍ଜ୍ଜା କ୍ଷେତ୍ରର ଆଧୁନିକୀକରଣ ଏହାଦ୍ୱାରା ସମ୍ଭବ ହେବ ଏବଂ ଶ୍ରମ ଓ ଦକ୍ଷତା ବୃଦ୍ଧି ପାଇବ । ହାରାହାରି ୫ ଶତାଂଶ ଉତ୍ପାଦନକୁ ପ୍ରୋତ୍ସାହନ ମିଳିବ । ଫଳରେ ଏହି କ୍ଷେତ୍ରରେ ଆସନ୍ତା ୫ ବର୍ଷ ମଧରେ ୫୨୦ ବିଲିୟନ ଡଲାର ମୂଲ୍ୟର ଉର୍ଜ୍ଜା ଉତ୍ପାଦିତ ହୋଇପାରିବ ।
- ପିଏଲ୍ଆଇ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଥିବା ୧୩ଟି କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ସଂଖ୍ୟା ଦ୍ୱିଗୁଣିତ ହେବ । ଏହା ଫଳରେ ନିଯୁକ୍ତି ବଢ଼ିବ ଏବଂ ଉତ୍ପାଦନ ଓ ରପ୍ତାନୀ ବାଣିଜ୍ୟ କାରବାର ବୃଦ୍ଧି ପାଇବ ।
- ଆଇଟି ହାର୍ଡୱେୟାର କ୍ଷେତ୍ରରେ ଆସନ୍ତା ୪ ବର୍ଷ ମଧରେ ୩.୨୫ ଲକ୍ଷ କୋଟି ଟଙ୍କାର ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି । ଏହା ଫଳରେ ଘରୋଇ ମୂଲ୍ୟମିଶ୍ରଣ ଆଇଟି ହାର୍ଡୱେୟାର କ୍ଷେତ୍ରରେ ୨୦ରୁ ୨୫ ଶତାଂଶକୁ ୫ ବର୍ଷ ମଧରେ ବୃଦ୍ଧି ପାଇବ । ଏବେ ଏହା ୫ରୁ ୧୦ ଶତାଂଶ ମଧରେ ରହିଛି ।
- ଔଷଧପତ୍ରର ବିକ୍ରିବଟା ଆସନ୍ତା ୫/୬ ବର୍ଷ ମଧରେ ପ୍ରାୟ ୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ସେହିଭଳି ଏହି କ୍ଷେତ୍ରରେ ୫/୬ ବର୍ଷ ମଧରେ ରପ୍ତାନୀ କାରବାର ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆଶା କରାଯାଉଛି।

ଅନୁସାରେ ୨୦୨୧-୨୨ରେ ଭାରତର ଜିଡିପି ଅଭିବୃଦ୍ଧି ୧୨.୬ ଶତାଂଶ ହେବ ।

ଭାରତ ସରକାର ଗ୍ରହଣ କରିଥିବା ଦୃଢ଼ ଆର୍ଥିକ ଓ ଅଣଆର୍ଥିକ ପଦକ୍ଷେପ ଯୋଗୁଁ ଏହି ଅଭିବୃଦ୍ଧି ହାସଲ ହେବ ବୋଲି କୁହାଯାଉଛି । କ୍ରିସିଲ ତାହାର ରିପୋର୍ଟରେ କହିଛି ଯେ ଭାରତ ସରକାର ଭିତ୍ତିଭୂମି କ୍ଷେତ୍ରରେ ବିପୁଳ ପୁଞ୍ଜି ନିବେଶ ସହିତ ପିଏଲଆଇ ଯୋଜନା କାର୍ଯ୍ୟକାରୀ କରିଥିବାରୁ ୨୦୨୧-୨୨ ବର୍ଷରେ ଦେଶର ଅର୍ଥନୀତିରେ ଉନ୍ନତି ଆସିବ । ରିପୋର୍ଟ ଅନୁସାରେ ପିଏଲ୍ଆଇ ପ୍ରୋଜେକ୍ଟ ବା ପ୍ରକଳ୍ପ ଦ୍ୱାରା ଆସନ୍ତା ୫ ବର୍ଷ ମଧରେ ଦେଶରେ ୩୫ରୁ ୪୦ ଲକ୍ଷ କୋଟି ଟଙ୍କାର ସମ୍ବଳ ସୃଷ୍ଟି ହୋଇପାରିବ । ଅନ୍ୟପକ୍ଷରେ ଆତ୍ମନିର୍ଭର ଭାରତ ଓ ଭୋକାଲ ଫର୍ ଲୋକାଲ ଆହ୍ୱାନ ସାଧାରଣ ଲୋକଙ୍କ ବିଚାରକୁ ବଦଳାଇ ଦେଇଛି । ସ୍ଥାନୀୟ ସାମଗ୍ରୀ ପ୍ରତି ବିଶ୍ୱାସ ବଢ଼ିଛି । ସର୍ବନିମ୍ନ ସରକାର ସର୍ବାଧିକ ଶାସନ ନୀତି ଦ୍ୱାରା ଲୋକଙ୍କ ବିଚାର ବଦଳୁଛି ଏବଂ ସେମାନେ ଅଧିକ ରାଷ୍ଟ୍ର ପ୍ରତି ସଚେତନ ହେଉଛନ୍ତି ।

### ସମସ୍ତଙ୍କୁ ସାମିଲ ହେବାକୁ ଆହ୍ୱାନ

ବର୍ତ୍ତମାନ ସରକାରର ଦୃଷ୍ଟିକୋଣ ହେଲା ବଜେଟକୁ ଏକ ଆୟୁଧରେ ପରିଣତ କରି ଏଥିରେ ସମସ୍ତଙ୍କୁ ସାମିଲ କରିବା, ଯାହା ରାଷ୍ଟ୍ର ନିର୍ମାଣରେ ବିଶେଷ ଗୁରୁତ୍ୱ ରଖେ । ପ୍ରାକ୍ ବଜେଟ ଆଲୋଚନା ସମୟରେ ସରକାର ବଜେଟର ଆଭିମୁଖ୍ୟ କଣ ହେବା ଉଚିତ ସେ ବିଷୟରେ ବିଭିନ୍ନ ପ୍ରସ୍ତାବ ସଂଗ୍ରହ କରିଥିଲେ । ତେବେ ଏଥର ପ୍ରଥମଥର ପାଇଁ ଏହି ପରମ୍ପରାରେ ସରକାର କିଛି ନୂଆ କଥା ଯୋଡିଛନ୍ତି । ବଜେଟରେ ଯାହା ସବୁ ପ୍ରସ୍ତାବନା ରହିଛି ତାହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ସଂପୃକ୍ତ ପକ୍ଷଙ୍କ ସହ ଗୋଟିଏ ମଞ୍ଚରେ ସରକାର ଆଲୋଚନା କରିଛନ୍ତି । ସରକାରଙ୍କର ଏହି ବୈପ୍ଳବିକ ପରିବର୍ତ୍ତନ ଓ ଆଭିମୁଖ୍ୟରେ ନମନିୟତା ପ୍ରଧାନମନ୍ତ୍ରୀଙ୍କ ଉକ୍ତିରେ ପ୍ରତିଫଳିତ ।

ସେ କହିଛନ୍ତି, "ଦେଶର ଉଦ୍ୟୋଗ ଓ ବାଣିଜ୍ୟ ବ୍ୟବସାୟକୁ ସଂପୂର୍ଣ୍ଣ ସମର୍ଥନ ଯୋଗାଇଦେବା ସରକାରଙ୍କର କର୍ତ୍ତବ୍ୟ । ତେବେ ଆଜିର ସମୟରେ ସରକାରଙ୍କ ପକ୍ଷେ ନିଜେ ଉଦ୍ୟୋଗ ଚଳାଇବା ବା ବେପାର ବଣିଜ କରିବା ସମ୍ଭବ ନୁହେଁ । ସୁତରାଂ ବେପାର ବଣିଜରେ ସରକାରଙ୍କ କୌଣସି କାର୍ଯ୍ୟ ନାହିଁ । ସରକାର ଲୋକ କଲ୍ୟାଣକାରୀ ପ୍ରକଳ୍ପ ଓ କାର୍ଯ୍ୟରେ ଧ୍ୟାନକେନ୍ଦ୍ରିତ କରିବା ଆବଶ୍ୟକ ।

# ଉର୍ଜ୍ଜା କ୍ଷେତ୍ର: ୪ ସୂତ୍ରୀ ମନ୍ତ୍ର

*ରାଷ୍ଟ୍ରର ବିକାଶ ଧାରାରେ ଉର୍ଜ୍ଜା କ୍ଷେତ୍ରର ଏକ ବଡ଼ ଭୂମିକା ରହିଛି । ଏହା ମଧ୍ୟ ଉଭୟ ବ୍ୟାବସାୟିକ ସୁଗମତା ଓ ଜୀବନ ଯାପନକୁ ସହଜ ତଥା ସୁଖମୟ କରିଥାଏ । ଉର୍ଜ୍ଜା କ୍ଷେତ୍ରରେ କେନ୍ଦ୍ର ସରକାର ଏକ ୪ ସୂତ୍ରୀ ମନ୍ତ୍ରକୁ ବିକାଶର ଭିତ୍ତି କରିଛନ୍ତି । ସେଗୁଡିକ ହେଲା ଗବେଷଣା, ସୁଦୃଢ, ସଂସ୍କାର ଓ ଅକ୍ଷୟଶକ୍ତି ଉତ୍ସ ।*



**ଚଳିତବର୍ଷ**

**Rs 2,500**

**କୋଟି ଟଙ୍କା ସୌର ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ନିବେଶ କରାଯିବ**

- ଏହି ମନ୍ତ୍ର ମାଧ୍ୟମରେ ସରକାର ବିଜୁଳି ନ ଥିବା ଗାଁକୁ ଶକ୍ତି ଯୋଗାଇ ଦେବାକୁ ଗୁରୁତ୍ୱ ଦେଉଛନ୍ତି । ଏହାଛଡା ବିଜୁଳି ଉତ୍ପାଦନ ବଢାଇ ଏ କ୍ଷେତ୍ରରେ ଏକ ବଳକା ରାଷ୍ଟ୍ର ହେବାକୁ ପ୍ରୟାସ କରୁଛନ୍ତି ।
- ସଂସ୍କାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ତଥା ଉଦୟ ଯୋଜନାରେ ୨.୩୨ ଲକ୍ଷ କୋଟି ଟଙ୍କାର ବଣ୍ଡ ଜାରି କରାଯାଇଛି । ପ୍ରଥମଥର ପାଇଁ ଏକ ସରକାର ଉର୍ଜ୍ଜାକୁ ଏକ ପୂର୍ଣ୍ଣାଙ୍ଗ କ୍ଷେତ୍ରଭାବେ ବିବେଚନା କରୁଛନ୍ତି ଏବଂ ଏହା ଆଉ ଉଦ୍ୟୋଗର ଏକ ଅଂଶବିଶେଷ ହେଉନାହିଁ ।
- ବିଶ୍ୱ ଏବେ ଅକ୍ଷୟ ଶକ୍ତିକୁ ଗୁରୁତ୍ୱ ଦେଉଛି । ତଦନୁସାରେ ଭାରତ ମଧ୍ୟ ଏ କ୍ଷେତ୍ରରେ ଗତ ୬ ବର୍ଷ ମଧ୍ୟରେ ନିଜର ଦକ୍ଷତାକୁ ୨.୫ ଗୁଣ ବଢାଇଛି ।
- ଭାରତର ସୌର ଉତ୍ପାଦନ ଦକ୍ଷତା ୧୫ ଗୁଣ ବଢିଛି । ଏହାଛଡା ଭାରତ ଆନ୍ତର୍ଜାତିକ ସୌର ମଞ୍ଚର ନେତୃତ୍ୱ ନେଇଛି ।
- ପିଏଲ୍ଆଇ ଯୋଜନାରେ ସମନ୍ୱିତ ସୋଲାର ପିଭି ଉତ୍ପାଦନ ପ୍ଲାଣ୍ଟ ନିର୍ମାଣ କରାଯିବ । ୧୦ ହଜାର ମେଗାୱାଟ ଶକ୍ତିସଂପନ୍ନ ଏହି ପ୍ଲାଣ୍ଟ ନିର୍ମାଣ ପାଇଁ ୧୪ ହଜାର କୋଟି ଟଙ୍କା ବିନିଯୋଗ ହେବ ।
- ପିଏମ୍ କୁସୁମ ଯୋଜନରେ ୩୦ ଗିଗାୱାଟ ସୌର ଶକ୍ତି ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ କ୍ଷୁଦ୍ର କ୍ଷୁଦ୍ର ଶକ୍ତି କେନ୍ଦ୍ର ନିର୍ମାଣ କରାଯାଉଛି । ଛାତ ଉପର ସୌର ଶକ୍ତି ଉତ୍ପାଦନ ବ୍ୟବସ୍ଥାରେ ଆଗାମୀ ଦେଢବର୍ଷ ମଧ୍ୟରେ ଦେଶରେ ୪୪ ଗିଗାୱାଟ ସୌରଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି ।

**ପିଏମ୍ କୁସୁମ ଯୋଜନାରେ ଅନ୍ନଦାତାଙ୍କୁ ଉର୍ଜ୍ଜାଦାତାରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି**

ସରକାର ଯେତେବେଳେ ବେପାର କରନ୍ତି ସେତେବେଳେ ବିପୁଳ କ୍ଷତିର ସମ୍ମୁଖୀନ ହୋଇଥାଆନ୍ତି ।"
ପ୍ରଥମଥର ପାଇଁ ସରକାର ସ୍ୱୀକାର କରୁଛନ୍ତି ଯେ ଯେତେବେଳେ ସରକାରୀ ବ୍ୟବସ୍ଥାରେ ବ୍ୟବସାୟ ଆରମ୍ଭ ହୁଏ ଏହା ଲାଭଜନକ ହୋଇ ନ ଥାଏ ଓ ସରକାରୀ ଅର୍ଥ ଅପଚୟ ହୁଏ । ଏହାର ମୁଖ୍ୟ କାରଣ ହେଲା ସରକାରଙ୍କ ଆଗରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅନେକ ପ୍ରତିବନ୍ଧକ ଥାଏ। ଆହୁରି ମଧ୍ୟ ବ୍ୟାବସାୟିକ ନିଷ୍ପତ୍ତି ନେବାର ସରକାରଙ୍କ ପାଖରେ ନ ଥାଏ । ଆଇନଗତ ଝମେଲାର ଭୟ ଥିବାରୁ ସମସ୍ତେ ଏ କ୍ଷେତ୍ରରେ ନିଷ୍ପତ୍ତି ନେବାକୁ ଭୟ କରନ୍ତି । ଅତଏବ ଅଧିକାରୀମାନେ ଏ ବିଷୟରେ ଅଧିକ ମୁଣ୍ଡ ନ ଖେଳାଇ ଯାହା ଚାଲିଛି ସେମିତି ଚାଲିଥାଉ କହି ଛାଡି ଦିଅନ୍ତି ।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ ସରକାରଙ୍କ ପାଖରେ ଉତ୍ତମ ଅଧିକାରୀଙ୍କ ଅଭାବ ନାହିଁ । ତେବେ ସେମାନେ ନିର୍ଦ୍ଦିଷ୍ଟଭାବେ ସରକାରୀ ଶାସନ ବ୍ୟବସ୍ଥାକୁ ପରିଚାଳନ କରିବା ପାଇଁ ତାଲିମ ପାଇଛନ୍ତି । ସରକାରୀ ନୀତି, ଲୋକକଲ୍ୟାଣ, ପ୍ରଶାସନିକ ବ୍ୟବସ୍ଥାର ପରିଚାଳନା ଆଦିରେ ତାଲିମ ପାଇଥିବା ଅଧିକାରୀମାନଙ୍କର ବ୍ୟବସାୟ ବାଣିଜ୍ୟ ଚଳାଇବାର ତାଲିମ ବା ଅଭିଜ୍ଞତା ନ ଥାଏ । ତେଣୁ ସରକାର ଯେତେବେଳେ କୌଣସି ବ୍ୟବସାୟ କରିବାକୁ ଆରମ୍ଭ କରନ୍ତି ତାହାକୁ ଭଲରେ ଚଳାଇବା ପାଇଁ ଦକ୍ଷ ଅଧିକାରୀଙ୍କୁ ମୁତୟନ କରିଥାନ୍ତି । ଏହା ଫଳରେ ସଂପୃକ୍ତ ଅଧିକାରୀମାନେ ଯେଉଁ କ୍ଷେତ୍ର ପାଇଁ କାମ କରିବାକୁ ଅଧିକୃତ ସେଠାରେ କାମ କରିପାରି ନ ଥାନ୍ତି ଏବଂ ତାଙ୍କ ପ୍ରତି ଅନ୍ୟାୟ

# ସ୍ୱାସ୍ଥ୍ୟ କ୍ଷେତ୍ର: ଭାରତ ପ୍ରତି ବିଶ୍ୱର ବିଶ୍ୱାସ ବଢୁଛି



କରୋନା ମହାମାରୀ ପରେ ଭାରତ ଉପରେ ବିଶ୍ୱର ଦୃଷ୍ଟି ନିବଦ୍ଧ ହୋଇଛି । ବିଶ୍ୱ ଏବେ ମୁକ୍ତକଣ୍ଠରେ ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରର ସାମର୍ଥ୍ୟ ଏବଂ ସିଦ୍ଧାନ୍ତକୁ ପ୍ରଶଂସା କରୁଛି । ଏହି ସମୟରେ ଭାରତୀୟ ସ୍ୱାସ୍ଥ୍ୟ କ୍ଷେତ୍ରର ମର୍ଯ୍ୟାଦା ଏବଂ ବିଶ୍ୱାସ ବିଶ୍ୱରେ ବହୁଗୁଣିତ ହୋଇଛି । ପ୍ରଥମଥର ପାଇଁ ମଧ୍ୟ ଭାରତ ସାଧାରଣ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ପ୍ରଥମ ସ୍ତରର ମାନ୍ୟତା ଦେଇ ପଦକ୍ଷେପ ଗ୍ରହଣ କରିଛି । ଏହି କ୍ଷେତ୍ର ପାଇଁ ସ୍ୱାସ୍ଥ୍ୟ ବଜେଟର ବ୍ୟୟବରାଦ ୧୩୭ ଶତାଂଶ ବଢିଛି ।

## ୨,୨୩,୮୪୬ କୋଟି ଟଙ୍କାର ବ୍ୟୟ ବରାଦ ବଜେଟରେ ସ୍ୱାସ୍ଥ୍ୟ ଏବଂ ନିରାମୟ ପାଇଁ ରହିଛି

- ସ୍ୱାସ୍ଥ୍ୟ କ୍ଷେତ୍ରରେ ନିବେଶ ଦ୍ୱାରା ନୂଆ ନିଯୁକ୍ତି ସୃଷ୍ଟି ହୋଇଛି। ପ୍ରଥମଥର ପାଇଁ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ୪ଟି ଦିଗ ଉପରେ ଗୁରୁତ୍ୱ ଦେଇଛନ୍ତି ।
- ପ୍ରଥମତଃ ସ୍ୱଚ୍ଛତା, ଦ୍ୱିତୀୟରେ ପ୍ରାଥମିକସ୍ତରରେ ବ୍ୟାଧି ଦୂରୀକରଣ ଓ ଲୋକଙ୍କୁ ଶସ୍ତା ଏବଂ ଉତ୍ତମ ଚିକିତ୍ସା ସେବା ଯୋଗାଣ ଏବଂ ତୃତୀୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ସହିତ ଯୋଗ୍ୟ ଏବଂ ଉତ୍ତମ ଚିକିତ୍ସକ ଓ ଚିକିତ୍ସା କର୍ମୀଙ୍କ ନିଯୁକ୍ତି ଏବଂ ଚତୁର୍ଥରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଥିବା ସମସ୍ୟାଗୁଡିକ ସମୟବଦ୍ଧଭିତ୍ତିରେ ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।
- ଏହି ୪ ସମ୍ମୁଖ୍ୟରେ ବିଜୟ ହାସଲ କରିବା ପାଇଁ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱୟଂସଂପୂର୍ଣ୍ଣ ହେବାକୁ ଚାହୁଁଛନ୍ତି। ସେଥିପାଇଁ ମେଡିକାଲ ସାମଗ୍ରୀ, ଔଷଧ, ଭେଣ୍ଟିଲେଟର, ଟିକା, ଗବେଷଣା ଓ ବିକାଶ ଏସବୁ  କ୍ଷେତ୍ରରେ ଗୁରୁତ୍ୱ ଦିଆଯାଉଛି ।
- ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସ୍ୱାସ୍ଥ୍ୟ ଭାରତ ଯୋଜନା ଆରମ୍ଭ କରାଯିବା ସହିତ ଟେଷ୍ଟିଂ ଓ ଚିକିତ୍ସାର ପରିବେଶକୁ ବ୍ୟାପକ କରାଯାଉଛି ।
- ପଞ୍ଚଦଶ ଅର୍ଥ କମିସନଙ୍କ ସୁପାରିସ ଅନୁସାରେ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଲୋକାଲ ବଡିଗୁଡିକୁ ୭୦ ହଜାର କୋଟି ଟଙ୍କାରୁ ଅଧିକ ଯୋଗାଇ ଦିଆଯିବ ।
- ପିଏଲ୍ଆଇ ଯୋଜନାରେ ଦେଶରେ ୪୧ଟି ଔଷଧ ପ୍ରସ୍ତୁତି ପାଇଁ ଏପିଆଇ ଦିଆଯାଇଛି ।

ହୋଇଥାଏ । ଆହୁରି ମଧ୍ୟ ଲୋକେ ସେମାନଙ୍କ ସେବାରୁ ବଂଚିତ ହୋଇଥାନ୍ତି । ଲୋକଙ୍କର କଲ୍ୟାଣ ଓ ସେମାନଙ୍କ ଜୀବନରେ ଉନ୍ନତି ଆଣିବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ହୋଇଥିବାରୁ ସରକାର ବ୍ୟବସାୟରୁ ଦୂରେଇ ରହିବାକୁ ଉଚିତ ମନେ କରୁଛନ୍ତି ।

ସରକାରଙ୍କ ପରିବର୍ତ୍ତିତ ଦୃଷ୍ଟିକୋଣ ୨୦୧୬ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ପ୍ରତିଫଳିତ ହୋଇଥିଲା । ସେହି ବୈଠକରେ ଦେଶର ସାଧାରଣ ବଜେଟ ଫେବୃୟାରୀ ଶେଷ ତାରିଖ ପରିବର୍ତ୍ତେ ପ୍ରଥମ ତାରିଖରେ ଉପସ୍ଥାପିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

**ବଜେଟ ସଂସ୍କାର ଦେଶର ମାର୍ଗ ବଦଳାଇଲା**


*'ମୋତେ ଦେଶର ଆର୍ଥିକ ବ୍ୟବସ୍ଥାକୁ ଏକମାସ ଆଗୁଆ କରିବାକୁ ପଡିବ ।'*

୨୦୧୭-୧୮ଠାରୁ ସରକାର ଏକ ବୈପ୍ଳବିକ ନିଷ୍ପତ୍ତି ନେଇ ବଜେଟକୁ ଫେବୃୟାରୀ ୨୮ ତାରିଖ ପରିବର୍ତ୍ତେ ସେ ମାସ ୧ ତାରିଖରେ ଉପସ୍ଥାପିତ କରିଆସୁଛନ୍ତି । ଏହା ଫଳରେ

**ପ୍ରଧାନମନ୍ତ୍ରୀ କହିଛନ୍ତି, ଜନସାଧାରଣଙ୍କ ଜୀବନରେ ସରକାରଙ୍କ ଅଭାବ କିମ୍ବା ପ୍ରଭାବ ଅନୁଭୂତ ହେବା ଉଚିତ ନୁହେଁ। ସେ ଦିଗରେ ପଦକ୍ଷେପ ନିଆଯାଉଛି।**

ବଜେଟ ଉପରେ ଆଲୋଚନା ହୋଇ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏକମାସ ଅଧିକ ସମୟ ମିଳୁଛି । ପୂର୍ବରୁ ବଜେଟ ଉପରେ ଆଲୋଚନା ଶେଷ  ହୋଇ ଏହା କାର୍ଯ୍ୟକାରୀ କରିବା ବେଳକୁ ମେ ଦ୍ୱିତୀୟ ସପ୍ତାହ ହୋଇଯାଉଥିଲା। ଫଳରେ ସମଗ୍ର ଆର୍ଥିକ ବର୍ଷ ପାଇଁ ଯେଉଁସବୁ ବଜେଟ ବ୍ୟୟ ବରାଦ ହେଉଥିଲା ତାହା ଖର୍ଚ୍ଚ ହେବାକୁ ସମୟ ମିଳୁ ନ ଥିଲା । ଏହାଛଡା ବଜେଟ ଉପସ୍ଥାପନର ପ୍ରଥମ ଦୁଇମାସ ପର୍ଯ୍ୟନ୍ତ ସରକାର ଖର୍ଚ୍ଚ ଦାବି ଉପସ୍ଥାପନ କରିବାକୁ ଅସୁବିଧା

# ପ୍ରତିରକ୍ଷା କ୍ଷେତ୍ର: ଆତ୍ମନିର୍ଭରତା ହାସଲ ପଥେ



କିଛିକାଳ ଧରି ଆମେ ଶୁଣୁଥିଲୁ ଓ ପଢି ଆସୁଥିଲୁ ଯେ ଭାରତ ବିଶ୍ୱର ସର୍ବବୃହତ୍ ଅସ୍ତ୍ରଶସ୍ତ୍ର କ୍ରୟକାରୀ ରାଷ୍ଟ୍ର । ତେବେ ପ୍ରଥମ ଥର ପାଇଁ ଭାରତ ଏ କ୍ଷେତ୍ରରେ ଏକ ନୂଆ ଉଦାହରଣ ସୃଷ୍ଟି କରିଛି । ଗତବର୍ଷ ପ୍ରଥମ ଥର ପାଇଁ ଭାରତ ବିଶ୍ୱର ଶ୍ରେଷ୍ଠ ୨୫ଟି ଅସ୍ତ୍ରଶସ୍ତ୍ର ରପ୍ତାନୀକାରୀ ତାଲିକାରେ ସ୍ଥାନ ପାଇଛି । ସତ କଥା ହେଲା ଭାରତ ଅନେକ ଦିନରୁ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରିଆସୁଛି; ହେଲେ ସ୍ୱାଧୀନତା ପରଠାରୁ ଏ କ୍ଷେତ୍ରରେ ଯାହା ହେବା କଥା ତାହା ସେହିଭଳି ହୋଇ ନ ଥିଲା । ଏବେ ଭାରତ ସରକାର ନିଜର ଅସ୍ତ୍ରଶସ୍ତ୍ର ଉତ୍ପାଦନକୁ ଦ୍ରୁତଗତିରେ ବଢାଇବାକୁ ନିଷ୍ପତ୍ତି ନେଇଛନ୍ତି ।

## ପ୍ରତିରକ୍ଷା ବଜେଟରେ ୪.୭୮ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ;୨୦୧୪ରେ ଏହା ଥିଲା ୨.୨୯ ଲକ୍ଷ କୋଟି ଟଙ୍କା

- ଦେଶରେ ୧୦୦ ପ୍ରକାର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରିବା ପାଇଁ ଭାରତ ସରକାର ଏକ ତାଲିକା ପ୍ରସ୍ତୁତ କରିଛନ୍ତି । ଏଥିରେ ସ୍ଥାନୀୟ ଶିଳ୍ପସଂସ୍ଥାକୁ ସାମିଲ କରାଯିବ। ଇତିମଧ୍ୟରେ ଭାରତ ତିଆରି ଆଧୁନିକ ତେଜସ୍ ଲଢୁଆ ବିମାନ ଆକାଶରେ ତାର ଉଡାଣ କରିସାରିଲାଣି ।
- ଅଳ୍ପଦିନ ତଳେ ୪୮ ହଜାର କୋଟି ଟଙ୍କାର ତେଜସ୍ ଯୁଦ୍ଧ ବିମାନ କିଣିବା ପାଇଁ ସରକାର ବରାଦ ଦେଇଛନ୍ତି । ଏବେ ମଧ୍ୟ ଭାରତ ୧୦୦ରୁ ଅଧିକ ଦେଶକୁ ବୁଲେଟ ପ୍ରୁଫ୍ ଜ୍ୟାକେଟ ରପ୍ତାନୀ କରୁଛି ।
- ଘରୋଇ ଉଦ୍ୟୋଗର ସହଯୋଗ ବିନା ଭାରତ ନିଜର ପ୍ରତିରକ୍ଷା ଉତ୍ପାଦନ ପରିବେଶକୁ ସମୃଦ୍ଧ କରିପାରିବ ନାହିଁ। ସେଥିପାଇଁ ଉତ୍ତର ପ୍ରଦେଶ ଓ ତାମିଲନାଡୁରେ ସରକାର ଦୁଇଟି ପ୍ରତିରକ୍ଷା କରିଡର ସ୍ଥାପନ କରିବା ସହ ପ୍ରତିରକ୍ଷା କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶ ପରିମାଣକୁ ୭୪ ଶତାଂଶକୁ ବୃଦ୍ଧି କରିଛନ୍ତି । ଏହାଛଡା ପ୍ରତିରକ୍ଷା ସାମଗ୍ରୀର ରପ୍ତାନୀ କ୍ଷେତ୍ରରେ ଲାଇସେନ୍ସ ଓ କଟକଣାକୁ ହଟାଇ ଦିଆଯାଇଛି ।
- ପ୍ରଥମ ଥର ପାଇଁ ପୁଞ୍ଜିଗତ ବ୍ୟୟକୁ ଏ କ୍ଷେତ୍ରରେ ୧୯ ଶତାଂଶକୁ ବୃଦ୍ଧି କରାଯାଇଛି । ଅସ୍ତ୍ରଶସ୍ତ୍ରର ପରୀକ୍ଷା ନିରୀକ୍ଷା ଓ ସଂଗ୍ରହରେ ସମତା ଆଣିବା ପାଇଁ ସେନାର ସର୍ବୋଚ୍ଚ ସ୍ତରରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ ପଦ ସୃଷ୍ଟି କରାଯାଇଛି ।
- ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଷ୍ଟାର୍ଟଅପ୍‌କୁ ଅଗ୍ରାଧିକାର ଦିଆଯାଇଛି ।

**୨୦୧୬-୨୦ ମଧ୍ୟରେ ଭାରତର ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ୩୩ ଶତାଂଶ ହ୍ରାସ ପାଇଛି**

ହେଉଥିଲା । ଏହି ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପୂର୍ବରୁ ଗୋଟିଏ ତ୍ରୟମାସିକରେ ହାରାହାରି ବଜେଟର ୨୪ ପ୍ରତିଶତ ଖର୍ଚ୍ଚ ହେଉଥିଲା । ଆଗୁଆ ବଜେଟ ଉପସ୍ଥାପନ ଫଳରେ ଏବେ ଏହା ୨୮%କୁ ବୃଦ୍ଧି ପାଇଛି ।

ଆଗୁଆ ବଜେଟ ଉପସ୍ଥାପିତ ହେବା ଫଳରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗକୁ ଆର୍ଥିକ ବର୍ଷର ଆରମ୍ଭ ସହିତ ବରାଦ ହୋଇଥିବା ଅର୍ଥ ଯୋଗାଇବା ସମ୍ଭବ ହୋଇଛି । ଏହାଦ୍ୱାରା ବର୍ଷସାରା ସଂପୃକ୍ତ ଅର୍ଥ ଖର୍ଚ୍ଚ କରିବା ପାଇଁ ସୁବିଧା ହୋଇଛି ।

ବଜେଟ ସଂସ୍କାର ପାଇଁ ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ । ଗୋଟିଏ ମାସ ଆଗରୁ ବଜେଟ ଉପସ୍ଥାପିତ ହେଉଥିବାରୁ ଏହାର ଉତ୍ତମ ପ୍ରଭାବ ଦେଶର ଅର୍ଥ ବ୍ୟବସ୍ଥା ଉପରେ ପଡୁଛି । ବରାଦ ହୋଇଥିବା ଅର୍ଥ କିପରି ଠିକଣାଭାବେ ଖର୍ଚ୍ଚ ହେବ ସେଥିପାଇଁ ବିଚାର କରିବାକୁ ସମୟ ମିଳୁଛି । ବର୍ଷାକାଳରେ ବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟ ପ୍ରଭାବିତ ହୋଇଥାଏ, ତେଣୁ ବର୍ଷା ଆରମ୍ଭ ପୂର୍ବରୁ ୩ ମାସ ପର୍ଯ୍ୟନ୍ତ କାମ କରିବା ପାଇଁ ନୂଆ ବ୍ୟବସ୍ଥାରେ ସୁବିଧା ମିଳୁଛି। ଏପ୍ରିଲରୁ ଜୁନ୍ ମଧ୍ୟରେ ଏହାଦ୍ୱାରା ଦେଶର ଅର୍ଥନୈତିକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରୁଛି । ଏପ୍ରିଲ ପହିଲା ସୁଦ୍ଧା ସବୁ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରିବା ପାଇଁ ସରକାର ଗୁରୁତ୍ୱ ଦେଇ କାମ କରୁଛନ୍ତି ।

### ସାଧାରଣ ବଜେଟରେ ଦେଶର ଭାବନା ପ୍ରତିଫଳିତ

ଚଳିତବର୍ଷର ବଜେଟ ଉପରେ ମିଳିଥିବା ଗଠନମୂଳକ ପ୍ରତିକ୍ରିୟା ସଂପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା ଦେଶର ମନୋଭାବକୁ ପ୍ରତିପାଦିତ କରୁଛି । ବଜେଟ ପାଇଁ

# ଶିକ୍ଷା କ୍ଷେତ୍ର: ନବସୃଜନ, ଗବେଷଣା ଓ ଦକ୍ଷତା



କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି ୨୦୨୦ ମାଧ୍ୟମରେ ଶିକ୍ଷା କ୍ଷେତ୍ରର ସାମଗ୍ରିକ ପରିବେଶକୁ ବଦଳାଇବା ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ପରେ ଶିକ୍ଷା କ୍ଷେତ୍ରରେ ଚଳିତବର୍ଷ ବଜେଟରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ଏହା ସହିତ ଗବେଷଣା, ନବସୃଜନ ଓ ଦକ୍ଷତା ନିର୍ମାଣ ମଧ୍ୟ ଅଗ୍ରାଧିକାର ଲାଭ କରିଛି ।

## ଚଳିତବର୍ଷ ବଜେଟରେ ଶିକ୍ଷା ପାଇଁ ୯୩,୨୨୩.୭୫ କୋଟି ଟଙ୍କାର ବ୍ୟୟବରାଦ

- ସ୍କୁଲସ୍ତରରେ ଅଟଳ ଇନ୍‌କ୍ୟୁବେସନ ସେଣ୍ଟର ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଟଳ ଟିଙ୍କରିଂ ଲ୍ୟାବକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି । ୫୦ ହଜାର କୋଟି ଟଙ୍କାର ସହାୟତାରେ ଜାତୀୟ ଗବେଷଣା ପ୍ରତିଷ୍ଠାନ ଆରମ୍ଭ କରାଯାଉଛି । ଗବେଷଣାକୁ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ ।
- ଉଭୟ ଯୁବ ସମାଜ ଓ ଉଦ୍ୟୋଗ ପାଇଁ ଷ୍ଟାର୍ଟଅପ୍‌ର ଗୁରୁତ୍ୱ ଥିବାରୁ ଏ କ୍ଷେତ୍ରରେ ଆକାଥନର ନୂଆ ପରମ୍ପରା ଆରମ୍ଭ କରାଯାଇଛି । ଗବେଷଣା ଓ ଜ୍ଞାନର ସୀମିତିକରଣ ଦେଶ ପାଇଁ ଏକ ଘୋର ଅନ୍ୟାୟ। ତେଣୁ ମହାକାଶ, ପରମାଣୁ ଶକ୍ତି, ଡିଆରଡିଓ ଓ କୃଷିଭଳି କ୍ଷେତ୍ରର ଦ୍ୱାର ପ୍ରତିଭାବାନ ଯୁବକ ଯୁବତୀମାନଙ୍କ ପାଇଁ ମୁକ୍ତ କରାଯାଇଛି ।
- ମହାକାଶ ବିଜ୍ଞାନ ଏବଂ ଭୂସ୍ଥାନିକ ତଥ୍ୟାବଳୀ କ୍ଷେତ୍ରରେ ସଂସ୍କାର ଅଣାଯାଇଛି । ଏହା ଫଳରେ ଭାରତୀୟ ଷ୍ଟାର୍ଟଅପ୍‌ଗୁଡିକ ପାଇଁ ନୂଆ ସୁବିଧା ସୁଯୋଗ ସୃଷ୍ଟି ହୋଇଛି ।
- ଭାରତ ଇତିମଧ୍ୟରେ ଉଦ୍‌ଜାନ ଯାନର ପରୀକ୍ଷା କରିଛି। ଏବେ ଉଦ୍‌ଜାନକୁ ଯାନବାହନର ଇନ୍ଧନଭାବେ ବ୍ୟବହାର କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

ଜନସାଧାରଣଙ୍କ ଯେଉଁ ଆଶା ଓ ବିଶ୍ୱାସ ଥିଲା ତାହାର ଯଥାର୍ଥ ପରିପ୍ରକାଶ ଘଟିଛି । ଏକ ରାଷ୍ଟ୍ର ହିସାବରେ ଭାରତ ଆଗରେ ଅଭୂତପୂର୍ବ ସୁଯୋଗ ରହିଛି ଏବଂ ସରକାର ସେ ସୁଯୋଗକୁ ହାତଛଡା କରିବାକୁ ଚାହାନ୍ତି ନାହିଁ । ସେଥିପାଇଁ ପ୍ରଥମଥର ନିମନ୍ତେ ସରକାରଙ୍କ ମୁଖ୍ୟ ହିସାବରେ ପ୍ରଧାନମନ୍ତ୍ରୀ ବଜେଟ ସଂପର୍କରେ ନିଜେ ଉଦ୍ୟୋଗୀ, ବିଶେଷଜ୍ଞ ଏବଂ ସଂପୃକ୍ତ ବିଭିନ୍ନ ପକ୍ଷଙ୍କ ସହ ଏକାଧିକ ପର୍ଯ୍ୟାୟ ବୈଠକରେ ବିଚାର ଆଲୋଚନା କରିଛନ୍ତି । ଏହା ଫଳରେ ଦେଶର ବିଭିନ୍ନ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର ହୋଇପାରିବ ବୋଲି ତାଙ୍କର ଦୃଢ ବିଶ୍ୱାସ ରହିଛି ।

ସବୁ କ୍ଷେତ୍ରର ପ୍ରତିନିଧିମାନଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବାର ଉଦ୍ଦେଶ୍ୟ ହେଲା ସେମାନେ ସାଧାରଣ ବଜେଟର ବିଶେଷତ୍ୱ ଓ ଗୁରୁତ୍ୱକୁ ବୁଝିପାରିବେ ଏବଂ ଏହାର କାର୍ଯ୍ୟକାରିତାରେ ସହଯୋଗ ଯୋଗାଇଦେବେ। ଫେବୃୟାରୀ ୧ରେ ବଜେଟ ଉପସ୍ଥାପିତ ହେବାର ୧୫ ଦିନ ପରେ ପ୍ରଧାନମନ୍ତ୍ରୀ ଏକାଧିକ ୱେବିନାର ମାଧ୍ୟମରେ

**କରୋନା ମହାମାରୀ ପରେ ଭାରତ ଆଗରେ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ଉପନୀତ ହୋଇଥିଲା । ପୂର୍ବରୁ ଏ ସ୍ଥିତି ଉପୁଜି ନ ଥିଲା ।**

ବଜେଟର ଲକ୍ଷ୍ୟ ଓ କାର୍ଯ୍ୟସୂଚୀ ସଂପର୍କରେ ଉଦ୍ୟୋଗ, ଉର୍ଜ୍ଜା, ଆର୍ଥିକ ସମ୍ବଳ ସଂଗ୍ରହ, ସ୍ୱାସ୍ଥ୍ୟସେବା, ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା, ମୁଦ୍ରାୟନ ବ୍ୟବସ୍ଥା, ଆର୍ଥିକ ସେବା, କୃଷି, ଚାଷୀ, ଶିକ୍ଷା, ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଆଦି କ୍ଷେତ୍ର ଉପରେ ଆଲୋଚନା କରିଥିଲେ । ଆହୁରି ମଧ୍ୟ ସରକାର ନିଜର ଦକ୍ଷତା ଓ ସାମର୍ଥ୍ୟକୁ ବ୍ୟବହାର କରିବା ପାଇଁ ପ୍ରତି କ୍ଷେତ୍ରକୁ କିପରି



**ଏହା ଯଦି ଏଭଳି ହୋଇଥାନ୍ତା, ଏହା ଭଲ ହୋଇଥାନ୍ତା.... ଆମେ ଯଦି ଏହା କରିଥାନ୍ତେ, ଏହା ଭଲ ହୋଇଥାନ୍ତା.... ଏଥର ତ ଗଲାଣି ଏବଂ ଆମେ ଏହାକୁ ଦ୍ରୁତବେଗରେ କାର୍ଯ୍ୟକାରୀ କରିବାକୁ ପଡିବ.... ।**
**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

ମୁକ୍ତ ସ୍ୱାଧୀନତା ଦେଉଛନ୍ତି ତାହା ମଧ୍ୟ ଜାଣିବା ଗୁରୁତ୍ୱପୂର୍ଣ୍ଣ ।

**ରଣକୌଶଳାତ୍ମକ ପୁଞ୍ଜି ପ୍ରତ୍ୟାହାର**

ବଜେଟରେ ଯେଉଁସବୁ ସଂସ୍କାର ଘୋଷଣା କରାଯାଇଛି ତାହା ଉପରେ ଗୁରୁତ୍ୱାରୋପ କରି ସରକାର ମନିଟାଇଜେସନ ଓ ମଡର୍ଣ୍ଣନାଇଜେସନ ମନ୍ତ୍ର ଭିତ୍ତିରେ କାର୍ଯ୍ୟ କରୁଛନ୍ତି । ଏଥିରୁ ଗୋଟିଏ ହେଲା ବେକାର ପଡିଥିବା ସଂପତ୍ତିକୁ କାମରେ ଲଗାଇ ଅର୍ଥ ଉପାର୍ଜନ କରିବା (ମନିଟାଇଜେସନ) ଏବଂ ଅନ୍ୟଟି ହେଲା ଆଧୁନିକୀକରଣ । ଏହି ଦୁଇଟି ବ୍ୟବସ୍ଥାରେ ଭାରତ ସଶକ୍ତ ହେବ । ଅନେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସ୍ୱାଧୀନତା ପରେ ସେ ସମୟର ଆବଶ୍ୟକତା ନିମନ୍ତେ ତିଆରି ହୋଇଥିଲା । ଏବେ ସେସବୁରୁ ଅଧିକାଂଶ କ୍ଷତିରେ ଚାଲୁଛି ଏବଂ ବଞ୍ଚି ରହିବା ପାଇଁ ଲୋକଙ୍କ ଅର୍ଥ ଉପରେ ନିର୍ଭରଶୀଳ । ଏହା ମଧ୍ୟ ଦେଶର ଅର୍ଥନୀତି ଉପରେ ବୋଝ ପାଲଟିଛି । ଚଳିତବର୍ଷର ବଜେଟରେ ଏ ସଂପର୍କରେ ସ୍ପଷ୍ଟ ନିଷ୍ପତ୍ତି ନିଆଯାଇଛି । ଘରୋଇ ଉଦ୍ୟୋଗର ସହାୟତାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକୁ ସୁଦୃଢ଼ କରିବା ପାଇଁ ବଜେଟରେ ଉଲ୍ଲେଖ ରହିଛି । ପ୍ରଧାନମନ୍ତ୍ରୀଙ୍କ କହିବା କଥାହେଲା ଯେ ବେପାର ବଣିଜ କରିବା ସରକାରଙ୍କ କାର୍ଯ୍ୟ ନୁହେଁ । ଏଥିପାଇଁ ସରକାରଙ୍କ ସମ୍ବଳ ସୀମିତ । ସେଥିପାଇଁ ସେ ସର୍ବନିମ୍ନ ସରକାର, ସର୍ବାଧିକ ଶାସନ ଉପରେ ଗୁରୁତ୍ୱ ଦେଉଛନ୍ତି । ସୀମିତ ସରକାର, ଅସୀମିତ ଶାସନ ନୀତିରେ କେନ୍ଦ୍ର ସରକାର ବିଶ୍ୱାସ ରଖି କାର୍ଯ୍ୟ କରୁଛନ୍ତି । ଏଥିରେ ସବୁ କଥାରେ ସରକାର ହସ୍ତକ୍ଷେପ ନ କରି ଅନ୍ୟମାନଙ୍କ ଦ୍ୱାରା ଏହା କରାବାକୁ ଚାହୁଁଛନ୍ତି । ଦେଶରେ ଯେଉଁ ୧୦୦ରୁ ଅଧିକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରହିଛି ସେଥିରୁ ଅଧିକାଂଶ ଲାଭ କରୁନାହାନ୍ତି । ସେସବୁରୁ ପୁଞ୍ଜି ପ୍ରତ୍ୟାହାର କରି ଘରୋଇ ଉଦ୍ୟୋଗ ସହାୟତାରେ ଲାଭଜନକ କରିବାକୁ ନିଷ୍ପତ୍ତି ନିଆଯାଇଛି । ପ୍ରସ୍ତାବିତ ଜାତୀୟ ସଂପତ୍ତି ମନିଟାଇଜେସନ ପାଇପ ଲାଇନ କାର୍ଯ୍ୟକ୍ରମରେ କେବଳ ୪ଟି ଗୁରୁତ୍ୱପୂର୍ଣ୍ଣ ଉଦ୍ୟୋଗକୁ ଛାଡି ଆଉ ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗର

# କୃଷି କ୍ଷେତ୍ର:

# ସାମଗ୍ରିକ ପଦକ୍ଷେପ ସମୟର ଆହ୍ୱାନ

## ଚଳିତ ବଜେଟରେ ୧.୨୮ ଲକ୍ଷ କୋଟି ଟଙ୍କା କୃଷି କ୍ଷେତ୍ର ପାଇଁ ବ୍ୟୟବରାଦ ହୋଇଛି

ଭାରତ ଏକ କୃଷି ପ୍ରଧାନ ଦେଶ । କୃଷି କ୍ଷେତ୍ରର ଦକ୍ଷତା ବିପୁଳ । ଏହା ସତ୍ତ୍ୱେ ଭାରତ ବାର୍ଷିକ ୬୫ରୁ ୭୦ ହଜାର କୋଟି ଟଙ୍କା ମୂଲ୍ୟର ଖାଇବା ତେଲ ଆମଦାନୀ କରୁଛି। ଏହି ବିସଂଗତି ଦୂର କରିବାକୁ ସରକାର ଚେଷ୍ଟା କରୁଛନ୍ତି । ସେହିଭଳି ଡାଲି କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା । ଡାଲିଜାତୀୟ ଫସଲ ଉତ୍ପାଦନ ପାଇଁ ସମସ୍ତ ସୁବିଧା ସୁଯୋଗ ଭାରତରେ ଥିବା ସତ୍ତ୍ୱେ ଆମେ ନିଜ ଆବଶ୍ୟକତା ପୂରଣ ପାଇଁ ତାହାକୁ ବିଦେଶରୁ ଆମଦାନୀ କରୁଛୁ । ତେବେ ସେ ଯାହାହେଉ ନୀତିରେ ପରିବର୍ତ୍ତନ ଫଳରେ ଡାଲି ଆମଦାନୀ ଯଥେଷ୍ଟ କମିଛି । କୃଷି କ୍ଷେତ୍ରରେ ସରକାରୀ ଓ ଘରୋଇ କ୍ଷେତ୍ର ମଧ୍ୟରେ ଉତ୍ତମ ଭାଗିଦାରୀ ଗଢ଼ିବାର ସୁଯୋଗ ଓ ସମ୍ଭାବନା ରହିଛି ।

**50** ଶତାଂଶ ସବ୍‌ସିଡି ଫଳ ଓ ପନିପରିବା ପରିବହନ କ୍ଷେତ୍ରରେ ଅପରେସନ ଗ୍ରୀନ ଯୋଜନାରେ ଯୋଗାଇ ଦିଆଯାଉଛି

ଦୁଧ, ମହୁ ଓ ମାଛ ଉତ୍ପାଦନ ବଢ଼ାଇବା ପାଇଁ ସରକାର ପଦକ୍ଷେପ ନେବା ସହ ଏ କ୍ଷେତ୍ରରେ ସରକାର ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ ସୁବିଧା ପ୍ରଥମ ଥର ଯୋଗାଇଛନ୍ତି ।

## ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ ପାଇଁ ଗ୍ରାମ୍ୟ ଭିତ୍ତିଭୂମି ପାଣ୍ଠି ପରିମାଣ ୪୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି

- ଗ୍ରାମ୍ୟ ଅର୍ଥନୀତିକୁ ୧୨ କୋଟି କ୍ଷୁଦ୍ର ଚାଷୀଙ୍କର ଅବଦାନକୁ ନ୍ୟୂନଭାବେ ଦେଖିହେବ ନାହିଁ। ସେମାନେ ଅଜସ୍ର ପରିଶ୍ରମ କରି ଦେଶର ଅର୍ଥନୀତିକୁ ସମୃଦ୍ଧ କରୁଥିଲେ ମଧ୍ୟ ନିଜ ଶ୍ରମର ଉଚିତ ମୂଲ୍ୟ ପାଆନ୍ତି ନାହିଁ । ଅତଏବ ଏ କ୍ଷେତ୍ରର ବିକାଶ ପାଇଁ ଘରୋଇ ଓ ସରକାରୀ ସହଯୋଗର ଆବଶ୍ୟକତା ରହିଛି ।
- ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ଫଳ ଓ ପନିପରିବା ବଜାରରେ ପହଞ୍ଚିବା ପୂର୍ବରୁ ପଚିଶଢ଼ି ଯାଇଥାଏ । ସେ ଦୃଷ୍ଟିରୁ ସରକାର ଅପରେସନ ଗ୍ରୀନ ଯୋଜନାରେ ୫୦ ଶତାଂଶ ସବ୍‌ସିଡି ଯୋଗାଇ ଦେଶରେ ୩୦୦ କିଷାନ ରେଳ ଚଳାଚଳ ବ୍ୟବସ୍ଥା ଆରମ୍ଭ କରିଛନ୍ତି ।
- ସରକାର ଚଳିତବର୍ଷ କୃଷିଋଣ ଯୋଗାଣ ଲକ୍ଷ୍ୟ ୧୬.୫୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହାଛଡା ଆଉ ଏକ ହଜାର ମଣ୍ଡିକୁ ଇ-ନାମ ସହିତ ଯୋଡିବାକୁ ନିଷ୍ପତ୍ତି ନିଆଯାଇଛି । ଏହାଦ୍ୱାରା ଚାଷୀ ସେମାନଙ୍କ ଉତ୍ପାଦ ପାଇଁ ଉପଯୁକ୍ତ ମୂଲ୍ୟ ପାଇବେ।
- କୃଷି ଉତ୍ପାଦକ ମହାସଂଘଗୁଡିକୁ ଅଧିକ ମଜଭୁତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଏବେ ସରକାର ଖାଦ୍ୟ ପ୍ରକ୍ରିୟାକରଣ ଉପରେ ଗୁରୁତ୍ୱ ଦେଇ ଚାଷୀଙ୍କୁ ଉପକୃତ କରିବାକୁ ଉଦ୍ୟମ କରୁଛନ୍ତି ।

ସଂପତ୍ତିକୁ ଲାଭଜନକ କାର୍ଯ୍ୟରେ ବିନିଯୋଗ କରିବାକୁ ସରକାର ଚାହୁଁଛନ୍ତି । ଏହିସବୁ କ୍ଷେତ୍ରର ବିପୁଳ ସଂପତ୍ତି ପଡି ରହିଥିଲେ ହେଁ ଗୋଟିଏ ପଇସା ସରକାର ପାଉନାହାନ୍ତି । ଏଭଳି ପ୍ରାୟ ୧୦୦ ସଂପତ୍ତିରୁ ସରକାର ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କା ଆୟ କରିବେ । ସେହିଭଳି ନିବେଶକ ଓ ଜମାକାରୀଙ୍କ ବିଶ୍ୱାସ ବୃଦ୍ଧି ପାଇଁ ସରକାର ଉଦ୍ୟମ କରୁଛନ୍ତି । ଏ କ୍ଷେତ୍ରରେ କାରବାରକୁ ସ୍ୱଚ୍ଛ ଓ ସନ୍ଦେହମୁକ୍ତ କରି ସରକାର ଆର୍ଥିକ କ୍ଷେତ୍ରକୁ ସୁଦୃଢ଼ କରିବାକୁ ଚାହୁଁଛନ୍ତି । ବିତ୍ତ ବଜାରରେ ସ୍ୱଚ୍ଛତା ରକ୍ଷା ଏବଂ ସଚ୍ଚୋଟ ପ୍ରତିଯୋଗିତା କରି ବିଶ୍ୱସ୍ତରରେ ପ୍ରତିଷ୍ଠିତ ହେବାକୁ ସରକାର ଆଗ୍ରହୀ ।

ଲୋକଙ୍କ ବେପାର ବଣିଜ ଓ ଧନ୍ଦାରେ ସରକାର ଅଯଥା ହସ୍ତକ୍ଷେପ ନ କରି ବୃହତ୍ତର ଓ ସରଳ ନୀତିନିୟମ ପ୍ରସ୍ତୁତ କରି ସେମାନଙ୍କୁ ପ୍ରତିଯୋଗିତା କରିବାକୁ ଛାଡିଦେବାକୁ ଚାହାନ୍ତି । ଏ ଦିଗରେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇଗଲାଣି । କରୋନା ମହାମାରୀ ପରବର୍ତ୍ତୀ ସ୍ଥିତିରେ ଯେଉଁ ଲୋକମାନେ ଆତ୍ମନିର୍ଭର ହେବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ସରକାର ସାହାଯ୍ୟ ସହଯୋଗ ଯୋଗାଉଛନ୍ତି । ଆତ୍ମନିର୍ଭର ଭାରତ ଗଠନରେ ସରକାର ଘରୋଇ କ୍ଷେତ୍ରଠାରୁ ଏକ ପ୍ରମୁଖ ଭୂମିକା ଆଶା କରୁଛନ୍ତି । ଏହା ସାହାଯ୍ୟରେ ଉତ୍ତମମାନର ସାମଗ୍ରୀ ଉତ୍ପାଦନ କରି ଆତ୍ମନିର୍ଭର ହେବା ସହିତ ବିଶ୍ୱ ବଜାରରେ ପତିଆରା ବୃଦ୍ଧି ପାଇଁ ସରକାର ଆଗ୍ରହୀ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଗରୁ ବଜେଟ ଉପସ୍ଥାପନ କରିଦେଇ ଏହାର ଠିକଣା କାର୍ଯ୍ୟକାରିତା ପ୍ରତି ଧ୍ୟାନ ଦିଆଯାଉ ନଥିଲା। ସମୀକ୍ଷାବେଳେ କୁହାଯାଉଥିଲା ଏମିତି ହୋଇଥିଲେ ଭଲ ହୋଇଥାନ୍ତା, ସେମିତି ହୋଇଥିଲେ ଭଲ ହୋଇଥାନ୍ତା .... ଇତ୍ୟାଦି ଇତ୍ୟାଦି । ଏବେ କିନ୍ତୁ ସେ ସମ୍ଭାବନା ନାହିଁ । ବଜେଟର କାର୍ଯ୍ୟକାରିତା ପାଇଁ ପ୍ରତ୍ୟେକ ସଂପୃକ୍ତ ପକ୍ଷଙ୍କ ସହ ପର୍ଯ୍ୟାୟକ୍ରମେ ବ୍ୟାପକ ବିଚାର ଆଲୋଚନା କରାଯାଇ ପଦକ୍ଷେପ ନିଆଯାଉଛି । ଏହା ଫଳରେ ବଜେଟର ରୂପାୟନ ଠିକ୍‌ଭାବରେ ହୋଇପାରିବ ।



# ପର୍ଯ୍ୟାବରଣ ଅଭିମୁଖେ ପଦକ୍ଷେପ

## ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା

**ସୁସ୍ଥ ଭାରତ ଗଠନ ନିମନ୍ତେ ଏକ ସ୍ୱଚ୍ଛ ପରିବେଶ ହେଉଛି ମୌଳିକ ଆବଶ୍ୟକତା । ତେଣୁ ପର୍ଯ୍ୟବରଣ ସୁରକ୍ଷାକୁ ଏବେ ସମଗ୍ର ବିଶ୍ୱ ସବୁଠାରୁ ବଡ଼ ଦାୟିତ୍ୱ ଭାବେ ନିର୍ବାହ କରିଆସୁଛି । ଭାରତରେ ପ୍ରାକୃତିକ ସମ୍ପଦର ଅବାଧ ଉତ୍ତୋଳନ ପରିବେଶ ପ୍ରତି ଏକ ବିରାଟ ବିପଦ ଭାବେ ଦେଖା ଦେବାକୁ ଆରମ୍ଭ କରିଥିଲା। ଏହି ପରିସ୍ଥିତିରେ ଉନ୍ନତି ଆଣିବା ସକାଶେ କେନ୍ଦ୍ର ସରକାର ବିଦ୍ୟୁତଚାଳିତ ଯାନବାହନ ଚଳାଚଳକୁ ପ୍ରୋତ୍ସାହନ ଯୋଗାଇ ଆସୁଛନ୍ତି ଏବଂ ଏଥି ନିମନ୍ତେ ସରକାର ତାଙ୍କର ଫ୍ଲାଗସିପ୍ କାର୍ଯ୍ୟକ୍ରମ ଫେମ୍ ଇଣ୍ଡିଆର ଶୁଭାରମ୍ଭ କରିଛନ୍ତି...**

ପାରମ୍ପରିକ ଭାରତୀୟ ମୂଲ୍ୟବୋଧ ବ୍ୟବସ୍ଥା ସଦାବେଳେ ଆମ୍ଭକୁ ସତର୍କ କରାଇ ଦେଇଛି ଯେ ପ୍ରକୃତି ଠାରୁ ଆମେ କେବଳ ଆମର ଆବଶ୍ୟକତା ପୂରଣ ନିମନ୍ତେ ଯେତିକି ଆବଶ୍ୟକ ସେତିକ ହିଁ ଆହରଣ କରିବା । ପ୍ରାକୃତିକ ସମ୍ପଦର ସଂରକ୍ଷଣ ଚିନ୍ତାଧାରା ଉପରେ ଆମେ ସଦାସର୍ବଦା ବିଶ୍ୱାସ କରିଥାଉଁ । ବାସ୍ତବ ପକ୍ଷେ, ପ୍ରକୃତି ସହିତ ଶାନ୍ତିପୂର୍ଣ୍ଣ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନ ଯୁଗ ଯୁଗ ଧରି ଭାରତୀୟ ସଭ୍ୟତାର ଅଭିଯାନର ମୂଳମନ୍ତ୍ର ହୋଇ ରହିଆସିଛି ।

ଯେତେବେଳେ ପର୍ଯ୍ୟାବରଣ ସୁରକ୍ଷା ପ୍ରସଙ୍ଗ ଉଠିଥାଏ, ଭାରତ ଏହି ପ୍ରସଙ୍ଗ ଉପରେ ସଦାସର୍ବଦା ସକାରାତ୍ମକ ଏବଂ ନିର୍ବିବାଦୀୟ ଗଠନମୂଳକ ଆଭିମୁଖ୍ୟ ପୋଷଣ କରିଥାଏ ।  ଜଳବାୟୁ ପରିବର୍ତ୍ତନର କ୍ରମବର୍ଦ୍ଧିଷ୍ଣୁ ଚାଲେଞ୍ଜ ତଥା ଏହାର ପରିଣାମ ସ୍ୱରୂପ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟ

# ଫେମ୍ ଇଣ୍ଡିଆ ଯୋଜନା କାହିଁକି ଆବଶ୍ୟକ ପଡ଼ିଲା:

## ଫେମ୍ ଇଣ୍ଡିଆ ଯୋଜନା ପ୍ରବର୍ତ୍ତନ ମୁଖ୍ୟତଃ ତିନୋଟି କାରଣ ଯୋଗୁ କାର୍ଯ୍ୟକାରୀ କରାଯାଇଛି

### ପ୍ରଥମ:

ଦେଶବ୍ୟାପୀ ବାୟୁ ପ୍ରଦୂଷଣର ସର୍ବବୃହତ୍ କାରଣ, ବିଶେଷ କରି, ମେଗା ସିଟିମାନଙ୍କରେ, ଯାନବାହନ ଯାହାକି ଡିଜେଲ ଓ ପେଟ୍ରୋଲ ଦ୍ୱାରା ପରିଚାଳିତ

**61** ସେଥିରୁ ନିର୍ଗତ ହେଉଥିବା ଇନ୍ଧନ ଧୂଆଁ ମୋଟ ବାୟୁ ପ୍ରଦୂଷଣର ୬୧% ବୋଲି ଅଧ୍ୟୟନରୁ ଜଣାପଡ଼ିଛି ।

### ଦ୍ୱିତୀୟ:

ସାରା ବିଶ୍ୱରେ ଭାରତ ହେଉଛି ଚତୁର୍ଥ ବୃହତ୍ତମ ଯାନବାହନ ଉତ୍ପାଦନକାରୀ ରାଷ୍ଟ୍ର ଯାହାକି ଜିବାଷ୍ମ ଇନ୍ଧନରେ ଚାଲିଥାଏ ।

ଗତ ଦଶନ୍ଧି ମଧ୍ୟରେ ସେହିସବୁ ଯାନବାହନ ସଂଖ୍ୟାରେ ଅନେକ ଗୁଣ ବୃଦ୍ଧି ଘଟିଛି ।

### ତୃତୀୟ:

ଜୀବାଷ୍ମ ଇନ୍ଧନ ଯଥା ଡିଜେଲ ଓ ପେଟ୍ରୋଲ ଭଳି ସାମଗ୍ରୀ ବ୍ୟବହାର କରିବାରେ ଭାରତ ହେଉଛି ସାରା ବିଶ୍ୱରେ ତୃତୀୟ ବୃହତ୍ତମ ରାଷ୍ଟ୍ର ଯାହା

ବିଦେଶରୁ ତା'ର ମୋଟ ଆବଶ୍ୟକତାର ୮୩ ପ୍ରତିଶତ ଆମଦାନୀ କରିଥାଏ

**ଏହିସବୁ କାରଣ ଦେଶରେ ଫେମ୍ ଇଣ୍ଡିଆ ଯୋଜନାର ଆରମ୍ଭ କରିବା ପାଇଁ ପ୍ରବର୍ତ୍ତାଇଥିଲା । ଏଥିସହ ଅନିୟନ୍ତ୍ରିତ ଭାବେ ବୃଦ୍ଧି ପାଇ ଚାଲିଥିବା ବାୟୁ ପ୍ରଦୂଷଣକୁ ରୋକିବା ନିମନ୍ତେ ସରକାର ୟୁରୋ- ୬ ନିର୍ମଗନ ମାନକୁ ଅନୁପାଳନ ପୂର୍ବକ ୨୦୨୦ ମସିହା ଏପ୍ରିଲ ୧ ତାରିଖ ଠାରୁ ବିଏସ- ୪ ସ୍ଥାନରେ ବିଏସ- ୬ ମାନ କାର୍ଯ୍ୟକାରୀ କରିଛନ୍ତି ।**

# ଫେମ୍ ଇଣ୍ଡିଆ ଯୋଜନା



- ଫେମେ ଇଣ୍ଡିଆର ପ୍ରଥମ ପର୍ଯ୍ୟାୟ ୨୦୧୫-୧୭ ମସିହା ଅବଧି ମଧ୍ୟରେ କାର୍ଯ୍ୟକାରୀ କରାଯାଇଥିଲା । ଏହି ପର୍ଯ୍ୟାୟରେ ଜନସାଧାରଣଙ୍କ ନିମନ୍ତେ ଏହା କିଭଳି ଭାବେ ଗ୍ରହଣୀୟ ହେବ ଏବଂ ସେମାନେ ବିଦ୍ୟୁତ୍‌ଶକ୍ତି ଚାଳିତ ଯାନକୁ ଗ୍ରହଣ କରିବେ ସେହି ଲକ୍ଷ୍ୟ ରଖାଯାଇଥିଲା । ସେହିଭଳି ଏହି ପର୍ଯ୍ୟାୟରେ ଇଲେକ୍ଟ୍ରିକ୍ କାର ଓ ଦୁଇଚକିଆ ହାଇବ୍ରିଡ୍ ଯାନ ବ୍ୟବହାରକୁ ପ୍ରୋତ୍ସାହନ ଯୋଗାଣ ଥିଲା ଏହାର ଅନ୍ୟତମ ଲକ୍ଷ୍ୟ ।
- ଫେମେ ଇଣ୍ଡିଆ ଯୋଜନାର ଦୁଇଟି ପର୍ଯ୍ୟାୟ ରହିଛି । ପ୍ରଥମ ପର୍ଯ୍ୟାୟ ୨୦୧୯ ମସିହା ମାର୍ଚ୍ଚ ୩୧ ତାରିଖ ଦିନ ସମାପ୍ତ ହୋଇଥିଲା । ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୦୧୯ ମସିହା ଏପ୍ରିଲ ୧ ତାରିଖ ଦିନ ଆରମ୍ଭ ହୋଇଥିଲା । ଏହି ପର୍ଯ୍ୟାୟ ୨୦୨୨ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ଲକ୍ଷ୍ୟ ରଖାଯାଇଛି ଯେ ଯେତେବେଳେ ଭାରତ ଦେଶ ସ୍ୱାଧୀନର ୭୫ତମ ବର୍ଷ ପୂର୍ତ୍ତି ପାଳନ କରିବ, ସେତେବେଳେ ଦେଶର ସଡ଼କମାନଙ୍କରେ ସର୍ବାଧିକ ସଂଖ୍ୟକ ଇଲେକ୍ଟ୍ରିକ୍ ଯାନବାହନ ଚଳାଚଳ କରୁଥିବ । ଏହା ଫଳରେ ବାୟୁ ପ୍ରଦୂଷଣ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବା ସହିତ ଏଥିରୁ ଅଧିକ ଅର୍ଥ ସଂଚୟ କରାଯାଇପାରିବ ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ଘଟିବ ।
- ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨,୮୦,୯୮୭ଟି ହାଇବ୍ରିଡ୍ ଓ ଇଲେକ୍ଟ୍ରିକ୍ ଯାନବାହନ୍‌କୁ ଚାହିଦା ପ୍ରୋତ୍ସାହନ ଭାବେ ସହାୟତା ଯୋଗାଇ ଦିଆଯାଇଥିଲା ଏବଂ ସେଥିପାଇଁ ମୋଟ ୩୫୯ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ, କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରଣାଳୟ ଦେଶର ବିଭିନ୍ନ ସହରରେ ୪୨୫ଟି ଇଲେକ୍ଟ୍ରିକ୍ ଓ ହାଇବ୍ରିଡ୍ ବସ୍ ଚଳାଚଳ ନିମନ୍ତେ ୨୮୦ କୋଟି ଟଙ୍କା ମଂଜୁର କରିଥିଲା । ଏହି ଯୋଜନା ମାଧ୍ୟମରେ ସରକାର ଦେଶରେ ୭,୦୦୦ ଇ-ବସ୍, ୫ ଲକ୍ଷ ଇ- ତିନିଚକିଆ ଯାନ, ୫୫,୦୦୦ ଇ- ପାସେଞ୍ଜର କାର୍ ଏବଂ ୧୦ ଲକ୍ଷ ଇ- ଦୁଇଚକିଆ ଯାନକୁ ସହାୟତା ପ୍ରଦାନ କରିବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି ।
- ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ହେଲା – ବାୟୁ ପ୍ରଦୂଷଣକୁ ରୋକିବା ଏବଂ ସବୁଜ ଗୃହ ବାଷ୍ପକୁ ନିୟନ୍ତ୍ରଣ କରିବା । ଏହି ଯୋଜନା ଅଧୀନରେ, ଦେଶବ୍ୟାପୀ ଏଭଳି ସଂସାଧନ ସୃଷ୍ଟି କରାଯିବ ଯଦ୍ୱାରା ଡିଜେଲ ଓ ପେଟ୍ରୋଲ ଚାଳିତ ଯାନବାହନଙ୍କ ବଦଳରେ ହାଇବ୍ରିଡି ଏବଂ ଦୁଇଚକିଆ, କାର୍, ତିନିଚକିଆ ଇଲେକ୍ଟ୍ରିକ୍ ଯାନ ଏବଂ ହାଲୁକା ଓ ଭାରୀ ବ୍ୟାବସାୟିକ ଯାନବାହନ ଚଳପ୍ରଚଳ କରିପାରିବ ।
- କେବଳ ଫେମ୍ ଇଣ୍ଡିଆ କାର୍ଯ୍ୟକ୍ରମ ଯୋଗୁ ଆମେ ପ୍ରତି ଦିନ ଦେଶରେ ୫୨,୭୯୪ ଲିଟର ଇନ୍ଧନ ବଞ୍ଚାଇବାକୁ ସକ୍ଷମ ହୋଇପାରିଛେ ।



**₹10,000**

ଫେମ ଇଣ୍ଡିଆ-II ପାଇଁ 10, 000 କୋଟି ଟଙ୍କାର ସବସିଡି ମଞ୍ଜୁର ହୋଇଛି



**₹5,500**

ଫେମ ଇଣ୍ଡିଆର ପ୍ରଥମ ପର୍ଯ୍ୟାୟରେ 5500 କୋଟି ଟଙ୍କାର ସବସିଡି ବ୍ୟବସ୍ଥା ହୋଇଛି

**50** ମିଲିଅନ ଲିଟର ଇନ୍ଧନ ଫେମ ଇଣ୍ଡିଆ ଯୋଜନା ଆରମ୍ଭ ହେବା ଠାରୁ ଏ ପର୍ଯ୍ୟନ୍ତ ସଞ୍ଚୟ କରାଯାଇପାରିଛି

ଦେଶର ଜନସାଧାରଣଙ୍କ ପାଇଁ ଏକ ପ୍ରଦୂଷଣମୁକ୍ତ ପରିବହନ ବ୍ୟବସ୍ଥା ଯୋଗାଇ ଦେବା ନିମନ୍ତେ ଫେମ୍ ଇଣ୍ଡିଆ ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଏହି ଯୋଜନା ଆଜିସୁଦ୍ଧା କେବଳ ଜନସାଧାରଣଙ୍କ ଦ୍ୱାରା ଅଧିକତର ଭାବେ ଗ୍ରହଣୀୟ ହୋଇନାହିଁ ଅପରନ୍ତୁ ଅପରେଟରମାନଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇପାରିଛି । ପ୍ରଦୂଷଣକୁ ନିଃଶେଷ କରିବାର ପ୍ରଥମ ପ୍ରାକ୍ ସର୍ତ୍ତଟି ହେଲା ସ୍ୱଚ୍ଛ ପେଟ୍ରୋଲ ଏବଂ ଡିଜେଲ ଉପଲବ୍ଧ କରାଇବା । ସେଇଥି ପାଇଁ ଆମେ ଦେଶରେ ବିଏସ- ୬ ବ୍ୟବସ୍ଥା ଆରମ୍ଭ କରିଛୁ । ଏବେ ଦେଶର ପ୍ରତି ଯାନ ବିଏସ- ୬ ମାନ ଅନୁକୂଳ ହୋଇଛି ଯାହାକି ପ୍ରଦୂଷଣ ମାତ୍ରାକୁ ୭୫- ୮୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରିଛି ।



ପ୍ରକାଶ ଜାଭଡ଼େକର,
ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ
ଏବଂ ଭାରୀ ଶିଳ୍ପ ଓ ସରକାରୀ ଉଦ୍ୟୋଗ ମନ୍ତ୍ରୀ

# ପରିସଂଖ୍ୟାନ ମାଧ୍ୟମରେ ସଫଳତାର କାହାଣୀ

**3.37** ପରିସଂଖ୍ୟାନ ମାଧ୍ୟମରେ ସଫଳତାର କାହାଣୀ

ମୋଟ ଉତ୍ପାଦିତ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ
**20,05,91,605** କେଜି

ପ୍ରତି ଦିନ
**1,30,835**
କିଲୋଗ୍ରାମ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ ହ୍ରାସ ପାଇଛି

**6,690**
ଇଲେକ୍ଟ୍ରିକ୍ ବସ୍‌କୁ ମଂଜୁରୀ ପ୍ରଦାନ କରାଯାଇଛି

**3,397**
ଇ- ଚାର୍ଜିଂ ଷ୍ଟେସନ୍ ସାରା ଦେଶରେ ସ୍ଥାପିତ କରାଯାଇଛି


ଦେଶରେ ଏପର୍ଯ୍ୟନ୍ତ
**2,80,830ଟି**
କ୍ଲେମ୍ ମାଧ୍ୟମରେ ୩,୫୯,୫୮,୦୮,୭୦୦ ଟଙ୍କା ପ୍ରଦାନ କରାଯାଇଛି ।

**56,499**
ଏହି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ଦେଶରେ ୫୬,୪୯୯ଟି ଇଲେକ୍ଟ୍ରିକ୍ ଯାନ ବିକ୍ରୟ ହୋଇଛି।

**8,06,46,229**
ଲିଟର ଇନ୍ଧନ ଯୋଜନା ଆରମ୍ଭ ହେବା ଠାରୁ ସଞ୍ଚିତ ହୋଇ ପାରିଛି

37ଟି କମ୍ପାନୀର ଦୁଇ ଚକିଆ, ତିନି ଚକିଆ ଓ ଚାରି ଚକିଆର 107ଟି ମଡେଲ ଉପରେ **7,500** ରୁ ଆରମ୍ଭ କରି **2.5** ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ଦିଆ ଯାଉଛି ।

(ଫେବୃଆରୀ 26, 2021 ସୁଦ୍ଧା ସମସ୍ତ ତଥ୍ୟ)



ବିପକ୍ଷରେ ମୁକାବିଲା ଓ ବିଜୟ ନିମନ୍ତେ ଏକ ଦ୍ୱିମୁଖୀ ରଣନୀତି ସଦାବେଳେ ଗ୍ରହଣ କରାଯିବା ଆବଶ୍ୟକ ପଡ଼ିଥାଏ । ସେଥିପାଇଁ ନୀତି ନିର୍ଦ୍ଧାରଣ, ଆଇନ ପ୍ରବର୍ତ୍ତନ, ନିୟମ ଓ ଆଦେଶନାମା ଜାରି । କ୍ରମବର୍ଦ୍ଧିଷ୍ଣୁ ବାୟୁ ପ୍ରଦୂଷଣ ଆମ୍ଭମାନଙ୍କ ସକାଶେ ଦିନକୁ ଦିନ ବଡ଼ ବିପଦ ସୃଷ୍ଟି କରୁଛି । ଏହି ବିପଦ ପାଇଁ ସବୁଠାରୁ ବଡ଼ କାରଣଟି ହେଲା ଜୀବାଷ୍ମ ଇନ୍ଧନଯୁକ୍ତ ଯାନବାହନ ଚଳାଇବା । ଏପରି ପରିସ୍ଥିତିର ମୁକାବିଲା କରିବା ନିମନ୍ତେ, କେନ୍ଦ୍ର ସରକାର ୨୦୧୫ ମସିହା ଏପ୍ରିଲ ୧ ତାରିଖ ଦିନ ଫେମ୍ ଇଣ୍ଡିଆ ( ଫାଷ୍ଟର ଆଡପସନ୍ ଏଣ୍ଡ୍ ମାନୁଫାକ୍ଚରିଂ ଅଫ୍ (ହାଇବ୍ରିଡ୍ ଏଣ୍ଡ) ଇଲେକ୍ଟ୍ରିକ୍ ଭେହିକିଲ୍) ଯୋଜନା ଆରମ୍ଭ କରିଥିଲେ ଯାହାକି ଜାତୀୟ ଇଲେକ୍ଟ୍ରିକ୍ ମୋବିଲିଟି ମିଶନର ଏକ ଅଂଶବିଶେଷ ।

**ବିଏସ- ୬: ଏକ ବର୍ଷର ଉଲ୍ଲେଖନୀୟ ସଫଳତାର ଯାତ୍ରା**

ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁସାରେ, ପ୍ରତି ବର୍ଷ କେବଳ ବାୟୁ ପ୍ରଦୂଷଣ ଯୋଗୁ ସମଗ୍ର ବିଶ୍ୱରେ ୭୦ ଲକ୍ଷ ଲୋକ ପ୍ରାଣ ହରାଇଥାନ୍ତି । ତେଣୁ ବାୟୁ ପ୍ରଦୂଷଣ ଭଳି ବିପଦର ମୁକାବିଲା ସକାଶେ କେନ୍ଦ୍ର ସରକାର ୨୦୨୦ ମସିହା ଏପ୍ରିଲ ୧ ତାରିଖ ଠାରୁ ବିଏସ୍ ଅଙ୍ଗାର ନିର୍ଗମନ ନୀତି ପ୍ରଣୟନ କରିଛନ୍ତି । ଏଥିପାଇଁ ସରକାର ଅନୁସରଣ କରିଥିବା ବ୍ୟବସ୍ଥା ଅନୁସାରେ ଯାନବାହନରୁ ନିର୍ଗତ ଧୂଆଁକୁ ବିଏସ ଅର୍ଥାତ୍, ଭାରତ ଷ୍ଟେଜ୍ ଭାବେ ବିବେଚନା କରାଯିବ । ୟୁରୋପୀୟ ବ୍ୟବସ୍ଥା ଆଧାରରେ, ଏହି ମାନକୁ କେନ୍ଦ୍ର ଜଙ୍ଗଲ ଓ ପର୍ଯ୍ୟାବରଣ ମନ୍ତ୍ରଣାଳୟ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ନିର୍ଦ୍ଧାରଣ କରାଯାଇଛି । ୧୯୯୧ ମସିହାରେ ଭାରତରେ ଅନୁସରଣ କରାଯାଇଥିବା ଅଙ୍ଗାରାମ୍ଳ ନିର୍ଗମନ ମାନ ଅନୁସାରେ, ପ୍ରାରମ୍ଭିକ ଅବସ୍ଥାରେ ଏହାକୁ କେବଳ ପେଟ୍ରୋଲ ଚାଳିତ ଯାନବାହନ ପାଇଁ ହିଁ ଲାଗୁ କରାଯାଇଥିଲା । ଏହା ପରେ

# ଫେମ୍ ଇଣ୍ଡିଆ ଯୋଜନା ସଂପର୍କରେ କେତେକ ଜ୍ଞାତବ୍ୟ ତଥ୍ୟ

Q&A

**ଏହି ଯୋଜନାରୁ ଆମେ କିପରି ଭାବେ ସୁଫଳ ଲାଭ କରିପାରିବା?**

ଯେତେବେଳେ କୌଣସି ଜଣେ କ୍ରେତା ଗୋଟିଏ ଇଲେକ୍ଟ୍ରିକ୍ ଯାନ କ୍ରୟ କରୁଛନ୍ତି, ସେମାନଙ୍କୁ ସେହି ଯାନ ଉପରେ ସରକାର ଦେଉଥିବା ପ୍ରୋତ୍ସାହନ ରାଶିର ସମାନ ଅନୁପାତର ଡିସକାଉଣ୍ଟ ରାଶି ପ୍ରଦାନ କରାଯାଇଥାଏ।

Q&A

**ଫେମ୍ ଇଣ୍ଡିଆ ଯୋଜନା ଏବେ ସାରା ଦେଶରେ କାର୍ଯ୍ୟକାରୀ କରାଯାଉଛି କି?**

ହଁ । ଏହାର ପ୍ରଥମ ପର୍ଯ୍ୟାୟକୁ ଏକ ପାଇଲଟ୍ ପ୍ରକଳ୍ପ ଭାବେ ପ୍ରବର୍ତ୍ତନ କରାଯାଇଥିଲା । ଏବେ ଏହି ଯୋଜନା ସାରା ଦେଶରେ ପ୍ରବର୍ତ୍ତନ କରାଯାଇଛି । ଏବେ ଏହି ଯୋଜନା ମାଧ୍ୟମରେ କେବଳ ଦୁଇଚକିଆ କି ତିନିଚକିଆ ଯାନ ନୁହେଁ, ଚାରିଚକିଆ ଯାନ ଉପରେ ସୁଦ୍ଧା ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି ।

Q&A

**ବ୍ୟବସାୟିକ ଉପଯୋଗ ବାଣିଜ୍ୟିକ ଉପଯୋଗ ପାଇଁ କ୍ରୟ କରାଯାଉଥିବା ବିଦ୍ୟୁତ ଚାଳିତ ବାହାନଗୁଡ଼ିକ ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ କି?**

ଟ୍ୟାକ୍ସି ଭାବେ ବ୍ୟବହାର କରାଯାଉଥିବା ବିଦ୍ୟୁତ୍ ଚାଳିତ ଯାତ୍ରୀବାହୀ କାର ପାଇଁ ସବସିଡି ଦିଆଯାଉଛି। ତେବେ କେବଳ ଦୁଇ ଚକିଆ କ୍ଷେତ୍ରରେ ଘରୋଇ ବ୍ୟବହାର ପାଇଁ ସବସିଡି ମିଳୁଛି।

**Q&A କର୍ପୋରେଟ ସଂସ୍ଥା ଏବଂ ଅନ୍ୟାନ୍ୟ ସଂସ୍ଥାମାନେ ଏଭଳି ସବସିଡି ପାଇବା ଲାଗି ଯୋଗ୍ୟ କି?**

ହଁ । କର୍ପୋରେଟ ଏବଂ ଅନ୍ୟାନ୍ୟ ସଂସ୍ଥାମାନେ ମଧ ଏହି ସବସିଡ଼ି ସୁବିଧା ହାସଲ କରିପାରିବେ ।

**Q&A ଯେଉଁମାନେ ଏକାଧିକ ଇଲେକ୍ଟ୍ରିକ୍ ଯାନ କ୍ରୟ କରୁଛନ୍ତି ସେମାନେ କ'ଣ ଏହି ସବସିଡ଼ି ପାଇବାକୁ ଯୋଗ୍ୟ ହେବେ?**

ହଁ । ଆପଣ ଯେତେ ସଂଖ୍ୟକ ଇଲେକ୍ଟ୍ରିକ୍ ଯାନ କ୍ରୟ କରନ୍ତୁନା କାହିଁକି, ସବୁ ଯାନ ଉପରେ ଆପଣ ଏଭଳି ସବସିଡି ପାଇବାକୁ ଯୋଗ୍ୟ ।

**Q&A ଫେମ୍ ଇଣ୍ଡିଆ ଯୋଜନାରେ ସବସିଡ଼ି ପାଇବା ନିମନ୍ତେ ଆମେମାନେ କ'ଣ ଆମର ଡିଜେଲ/ ପେଟ୍ରୋଲ ଯାନକୁ ବିକ୍ରୟ କରିଦେବା ଉଚିତ?**

ନା । ବର୍ତ୍ତମାନ ସୁଦ୍ଧା ପ୍ରଦାନ କରାଯାଇଥିବା ଗାଇଡଲାଇନରେ ସେପରି କୌଣସି ସର୍ତ୍ତାବଳୀ ନାହିଁ ।

**Q&A ବର୍ତ୍ତମାନ ବଜାରରେ ଉପଲବ୍ଧ ଇଲେକ୍ଟ୍ରିକ୍/ହାଇବ୍ରିଡ୍ ଯାନବାହନ କ'ଣ ସଂପୂର୍ଣ୍ଣ ନିରାପଦ?**

ଫେମ୍ ଇଣ୍ଡିଆ ଅଧୀନରେ ଚୟନ କରାଯାଇଥିବା ସମସ୍ତ ଯାନକୁ ଅତି କଠି ଗୁଣାତ୍ମକ ମାନ ମଧ୍ୟରେ ପରୀକ୍ଷା କରାଯାଇଛି ଏବଂ ସେସବୁ ଚାଳନା କରିବା ସଂପୂର୍ଣ୍ଣ ନିରାପଦ ।

**Q&A ସବସିଡି କିପରି ହିସାବ କରାଯାଏ?**

ଟ୍ୟାକ୍ସି ଭାବେ ବ୍ୟବହାର କରାଯାଉଥିବା ଯାତ୍ରୀବାହୀ ବିଦ୍ୟୁତ ଚାଳିତ କାର୍ ଗୁଡ଼ିକ ପାଇଁ ସବସିଡି ଦିଆଯାଇଥାଏ। 15 ଲକ୍ଷ ଟଙ୍କାର ଏକ୍ସ ଶୋରୁମ୍ ମୂଲ୍ୟ ଥିବା ବିଦ୍ୟୁତ ଚାଳିତ କାରଗୁଡ଼ିକ ସବସିଡି ପାଇବା ଲାଗି ଯୋଗ୍ୟ। ବ୍ୟାଟେରୀର କ୍ଷମତା ଅନୁଯାୟୀ ସବସିଡି ଦିଆଯିବ ଯାହାକି ବସ କ୍ଷେତ୍ରରେ ପ୍ରତି କିଲୋୱାଟ 20,000 ଟଙ୍କା ଏବଂ ଅନ୍ୟ ବାହନ କ୍ଷେତ୍ରରେ ପ୍ରତି କିଲୋଓ୍ବାଟ 10,000 ଟଙ୍କା ଧାର୍ଯ୍ୟ କରାଯାଇଛି।

**Q&A ଫେମ ଇଣ୍ଡିଆ-II ଅନ୍ତର୍ଗତ ଇ-ବାହନ ଉପରେ କେତେ ଟଙ୍କାର ସବସିଡି ଦିଆଯାଇଥାଏ?**

ଏହି ଯୋଜନା ଅନ୍ତର୍ଗତ, 55,000 ବିଦ୍ୟୁତ ଚାଳିତ କାରକୁ 2.5 ଲକ୍ଷ ଟଙ୍କାର ସବସିଡି ଯୋଗାଇ ଦିଆଯିବ। ସେହିପରି 20 ହଜାର ହାଇବ୍ରିଡ୍ କାର୍ ପାଇଁ 20 ହଜାର କୋଟି ଟଙ୍କାର ସବସିଡି ଦିଆଯିବ। 10 ଲକ୍ଷ ଦୁଇ ଚକିଆ, 5 ଲକ୍ଷ ତିନି ଚକିଆ ଏବଂ 7000 ବସ୍ ପାଇଁ ଏହି ଯୋଜନା ଅନ୍ତର୍ଗତ ସବସିଡି ଦିଆଯିବ। ଆଧୁନିକ ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବା ଲାଗି, ଲିଥିଅମ-ଇଅନ ବ୍ୟାଟେରୀ ଏବଂ ଅନ୍ୟ ନୂତନ ପ୍ରଯୁକ୍ତି ରହିଥିବା ଗାଡ଼ିଗୁଡ଼ିକୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ।

୨୦୦୨ ମସିହାରେ ବିଏସ ଷ୍ଟାଣ୍ଡାର୍ଡ଼ ପ୍ରବର୍ତ୍ତନ କରାଯାଇଥିଲା ଏବଂ ତା'ପରେ ୨୦୦୫ ମସିହାରେ ବିଏସ- ୨ ଷ୍ଟାଣ୍ଡାର୍ଡ ବ୍ୟବସ୍ଥା । ୨୦୦୭ ମସିହାରେ ବିଏସ- ୩ ଓ ୨୦୧୦ ମସିହାରେ ବିଏସ- ୪ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କିନ୍ତୁ ଦେଶରେ ବିଗତ କିଛି ବର୍ଷ ମଧ୍ୟରେ ବାୟୁ ପ୍ରଦୂଷଣର ମାତ୍ରା ଏଭଳି ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଲା ଯେ ସରକାର ବିଏସ- ୫ ବ୍ୟବସ୍ଥାକୁ ଏଡାଇ ୨୦୨୦ ମସିହାରେ ଦିଲ୍ଲୀଠାରୁ ଏକାଥରକେ ବିଏସ- ୬ ନିର୍ଗମନ ବ୍ୟବସ୍ଥା ପ୍ରବର୍ତ୍ତନ କରିଥିଲେ ।

**ନୂତନ ବ୍ୟବସ୍ଥା ଅନୁସାରେ କ'ଣ ସବୁ ପରିବର୍ତ୍ତନ ଘଟିବ?**

- ନୂତନ କାରର ଇଞ୍ଜିନଗୁଡ଼ିକୁ ଏଭଳି ଭାବେ ଡିଜାଇନ କରାଯିବ ଯାହାକି ନୂତନ ମାନ ଅନୁସାରେ ହୋଇଥିବ ବିଶେଷ କରି କମ୍ବସନ୍ ଚେମ୍ବର ଯାହା ଫଳରେ ତାହା ହାନିକାରକ ବାଷ୍ପ ନିର୍ଗମନକୁ ହ୍ରାସ କରିପାରିବ । ତଦନୁସାରେ ଇନ୍ଧନକୁ ମଧ ପରିବର୍ତ୍ତନ କରାଯିବ ।
- ବିଏସ- ୬ ଷ୍ଟାଣ୍ଡାର୍ଡ ଅନୁସାରେ ପିଏମ ୨.୫ ପାର୍ଟିକୁଲେଟ ଅଣୁ ୨୦ରୁ ୪୦ ଏମଜିସିଏମ ମଧ୍ୟରେ ରହିଥାଏ । ବିଏସ-୪ ଅଧୀନରେ ତାହାର ସୀମା ୧୨୦ ଏମଜିସିଏମ ହୋଇଥାଏ ।
- ବିଏସ- ୪ ଇନ୍ଧନ୍‌ରେ ୫୦ମିଲିଗ୍ରାମ/କିଲୋଗ୍ରାମ ପିଛା ସଲଫର ଉପଯୋଗ ପାଇଁ ଅନୁମତି ପ୍ରଦାନ କରିଥାଏ । ବିଏସ- ୬ରେ ଏହି ସୀମାକୁ ୧୦ ମିଲିଗ୍ରାମ/ କିଲୋଗ୍ରାମକୁ ସୀମିତ କରାଯାଇଛି।
- ୨୦୨୦ ମସିହା ଏପ୍ରିଲ ୧ ତାରିଖ ଠାରୁ, ଅଙ୍ଗାରାମ୍ଳ ନିର୍ଗମନରେ କେବଳ ବିଏସ- ୬ ମାନର ସର୍ତ୍ତ ପୂରଣ କରୁଥିବା ଯାନବାହନକୁ ହିଁ ଦେଶରେ ବିକ୍ରି ପାଇଁ ଅନୁମତି ପ୍ରଦାନ କରାଯାଉଛି । ■



# ପୁଞ୍ଜିହୀନଙ୍କୁ ପୁଞ୍ଜି ଯୋଗାଣ

ଭାରତରେ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ସେମାନଙ୍କର ଉପକ୍ରମଗୁଡ଼ିକ ନିମନ୍ତେ ପାଣ୍ଠି ଯୋଗାଇବା ହେଉଛି ସବୁଠାରୁ ବଡ଼ ସହାୟତା ଯାହାକି ଦେଶର ଅର୍ଥନୀତିର ଅଭିବୃଦ୍ଧି ତଥା ବିକାଶରେ ମଧ୍ୟ ସହାୟକ ହୋଇଥାଏ । ଗତ ଛଅ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅସଂଖ୍ୟ କ୍ଷୁଦ୍ର ଉଦ୍ୟୋଗୀଙ୍କ ଏହି ସ୍ୱପ୍ନକୁ ସାକାର କରିବା ଦିଗରେ ସହାୟକ ହୋଇଆସିଛି । ଏପର୍ଯ୍ୟନ୍ତ ଏହି ଯୋଜନା ମାଧ୍ୟମରେ ୨୮ କୋଟି ଯୁବକ, ମହିଳା ଓ ଅନ୍ୟ ଯେଉଁମାନେ ଉଦ୍ୟୋଗ ମାଧ୍ୟମରେ ନିଜକୁ ଆତ୍ମନିଯୁକ୍ତକ୍ଷମ ହେବା ସକାଶେ ପ୍ରୟାସ କରିଥିଲେ, ସେମାନେ ଉପକୃତ ହୋଇପାରିଛନ୍ତି । ଏହି ଯୋଜନା ସେମାନଙ୍କୁ ଅସାଧୁ ଅର୍ଥ ଲଗାଣକାରୀମାନଙ୍କ କବଳରୁ ମୁକ୍ତି ଦେବା ସହ ସେମାନଙ୍କ ପାଇଁ ସଫଳତାର ଗୋଟିଏ ଗୋଟିଏ ଅବିସ୍ମରଣୀୟ କାହାଣୀ ସୃଷ୍ଟି କରିପାରିଛି ।

> **ମୁଦ୍ରା ଯୋଜନା ହେଉଛି 'ପୁଂଜିହୀନଙ୍କ ପାଇଁ ପୁଂଜି ଯୋଗାଣ' । ଭାରତର କ୍ଷୁଦ୍ର ଉଦ୍ୟୋଗୀମାନଙ୍କର ଅର୍ଥଲଗାଣକାରୀମାନଙ୍କ ଦ୍ୱାରା ବିଭିନ୍ନ ଭାବେ ଲୁଟର ଶିକାର ହେବା ସତେ ଯେପରି ଦେହସୁହା ହୋଇସାରିଥିଲା, କିନ୍ତୁ ମୁଦ୍ରା ଯୋଜନାରେ ସେମାନଙ୍କ ମନରେ ଏକ ନୂତନ ବିଶ୍ୱାସ ଭରିଦେଇଛି ଯେ ଦେଶ ଏବେ ସେମାନଙ୍କ ପ୍ରୟାସରେ ସହଯୋଗ କରିବାକୁ ପ୍ରସ୍ତୁତ ରହିଛି ଯାହାକି ରାଷ୍ଟ୍ର ନିର୍ମାଣ ଉପକ୍ରମରେ ଉଲ୍ଲେଖନୀୟ ଅବଦାନ ଭାବେ ବିବେଚନା କରାଯାଇପାରେ ।**
> **-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

ପ୍ରମୋଦ ଶର୍ମା ହେଉଛନ୍ତି ମଧ୍ୟ ପ୍ରଦେଶର ବାଙ୍ଖେଡି ଅଞ୍ଚଳର ଜଣେ ସ୍ଥାୟୀ ବାସିନ୍ଦା । ତାଙ୍କର ଗୋଟିଏ ଛୋଟିଆ ଦୋକାନ ଥିଲା । କିନ୍ତୁ ସେହି ଦୋକାନରୁ ସେ କରୁଥିବା ସାମାନ୍ୟ ଉପାର୍ଜନ ନିଜ ପରିବାରକୁ ଚଳାଇବା ସକାଶେ ପର୍ଯ୍ୟାପ୍ତ ନଥିଲା । ତେଣୁ ପ୍ରମୋଦ ସ୍ଥିର କଲେ ଯେ ସେ ତାଙ୍କର ବ୍ୟବସାୟକୁ ବଢ଼ାଇବାକୁ ପଡ଼ିବ ଏବଂ ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଋଣ ପାଇଁ ଏକ ଆବେଦନ କଲେ । ଥରେ ତାଙ୍କର ସେହି ଋଣ ମଂଜୁର ହୋଇଯିବା ପରେ ସେ ତାଙ୍କର ବ୍ୟବସାୟକୁ ବଢ଼ାଇବା ସକାଶେ ସେହି ୯ ଲକ୍ଷ ଋଣ ରାଶି ଉପଯୋଗ କଲେ । ଏବେ ନିଜର ବ୍ୟବସାୟିକ ପ୍ରତିଷ୍ଠାନରୁ ହେଉଥିବା ଉପାର୍ଜନରେ ସେ କେବଳ ନିଜର ପରିବାର ପ୍ରତିପୋଷଣ କରୁନାହାନ୍ତି, ଅପରପକ୍ଷେ ଅନ୍ୟ ଚାରିଜଣ ଲୋକଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି ଯାହାଦ୍ୱାରା ସେମାନେ ମଧ୍ୟ ନିଜ ନିଜ ପରିବାର ପୋଷଣ ପାଇଁ ସକ୍ଷମ ହୋଇପାରିଛନ୍ତି । ଶର୍ମାଙ୍କ ଏଭଳି ଶ୍ରମ ସାର୍ଥକ ହୋଇଥିଲା ଓ ଋଣ ପାଇବାର ମାତ୍ର ୧୦ ମାସ ମଧ୍ୟରେ ସେ ୫୦ ଲକ୍ଷ ଟଙ୍କାର ବ୍ୟବସାୟ କରିଥିବା ପ୍ରକାଶ କରନ୍ତି ।

ମୁଦ୍ରା ଯୋଜନା ପ୍ରମୋଦ ଶର୍ମାଙ୍କ ଭଳି ଅସଂଖ୍ୟ କ୍ଷୁଦ୍ର ଉଦ୍ୟୋଗୀଙ୍କ ପାଇଁ ଆତ୍ମନିଯୁକ୍ତି ଓ ସ୍ୱାବଲମ୍ବୀ ହେବାର ମାର୍ଗ ପ୍ରଦର୍ଶନ କରିଛି । ସେହିଭଳି ଆଉ ଜଣେ ସଫଳ ଉଦ୍ୟୋଗୀ ହେଉଛନ୍ତି ରାଜକୁମାରୀ ବର୍ମା ଯାହାଙ୍କ ଘର ଛତିଶଗଡ଼ର ରାୟପୁର ସହରରେ । ଅଗ୍ନିକାଣ୍ଡରେ ତାଙ୍କର ପରିବା ଦୋକାନଟି ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯିବା ପରେ ରାଜକୁମାରୀ ନିକଟବର୍ତ୍ତୀ ଏକ ବ୍ୟାଙ୍କକୁ ଯାଇ ନିଜର ଦୁଃଖ ଜଣାଇଥିଲେ ଓ କିଛି ଋଣ ଚାହିଁଥିଲେ । ମୁଦ୍ରା ଯୋଜନାରେ ତାଙ୍କୁ ୪ ଲକ୍ଷ ଟଙ୍କାର ଋଣ ମଂଜୁର କରାଯାଇଥିଲା । ସେହି ଟଙ୍କରେ ସେ ପୁଣି ଥରେ ନିଜର ଉଜୁଡ଼ା ପରିବା ଦୋକାନକୁ ଠିଆ କରାଇବାକୁ ସକ୍ଷମ ହୋଇଥିଲେ ଯାହାକି ତାଙ୍କର ଜୀବନରେ ଏକ ବୈପ୍ଳବିକ ମୋଡ ଆଣିଥିଲା। ସାରା ଦେଶରେ ଖୋଜି ବୁଲିଲେ ଏହିଭଳି ଅସଂଖ୍ୟ ସଫଳତାର କାହାଣୀ ଦେଖିବାକୁ ମିଳିବ । କେବଳ ଏହା ସମ୍ଭବ ହୋଇଛି କେନ୍ଦ୍ର ସରକାରଙ୍କର ସ୍ପଷ୍ଟ ଓ ସ୍ୱଚ୍ଛ ପରିକଳ୍ପନା ତଥା ନୀତି ଯୋଗୁ । ଏହି ଯୋଜନାର ପ୍ରାରମ୍ଭରୁ ହିଁ ସରକାର ଅନୁସୃତ ନୀତି ସଂପର୍କରେ ବେଶ୍ ସ୍ପଷ୍ଟ ଆଭିମୁଖ୍ୟ ଅବଲମ୍ବନ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ସଂପର୍କରେ ନିଜର ମତ ପ୍ରଦାନ କରି କହିଥିଲେ: ' ଯଦି କୌଣସି ଜଣେ ବ୍ୟକ୍ତି ନିଜର କିଛି ଉଦ୍ୟୋଗ ଆରମ୍ଭ କରିବାକୁ ଚାହୁଁଥାନ୍ତି, ତେବେ ପ୍ରଥମ ଯେଉଁ ପ୍ରଶ୍ନର ସେ ସମ୍ମୁଖୀନ ହୋଇଥାନ୍ତି ତାହା ହେଲା- ତୁମେ ପୁଂଜି ଯୋଗାଡ଼ କରିବ କେଉଁଠୁ? ସରକାର ମୁଦ୍ରା ଯୋଜନାରେ ଏହି ଗ୍ୟାରେଣ୍ଟି ପ୍ରଦାନ କରୁଛନ୍ତି ।'

## ତିନୋଟି ବର୍ଗରେ ମୁଦ୍ରା ଋଣ ଯୋଗାଣର ବ୍ୟବସ୍ଥା

●**ଶିଶୁ:** ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣର ବ୍ୟବସ୍ଥା ●**କିଶୋର:** ୫୦,୦୦୦ ଟଙ୍କାରୁ ଅଧିକ ଏବଂ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସର୍ବାଧିକ ଋଣ ପ୍ରଦାନ ●**ତରୁଣ:** ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା

### ମୁଦ୍ରା ଯୋଜନା କ'ଣ?

୨୦୧୫ ମସିହା ଏପ୍ରିଲ ୮ ତାରିଖ ଦିନ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ସମାଜର ସର୍ବନିମ୍ନ ସ୍ତରରେ ବସବାସ କରୁଥିବା ଲୋକମାନଙ୍କ ନିମନ୍ତେ ଉପାର୍ଜନର ସୁଯୋଗ ସୃଷ୍ଟି କରିବା ହେଉଛି ଏହି ଯୋଜନାର ଉଦ୍ଦେଶ୍ୟ । କ୍ଷୁଦ୍ର / ଅଣୁ ଉଦ୍ୟୋଗଗୁଡ଼ିକୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ ନିମନ୍ତେ ଏଥିରେ ବ୍ୟବସ୍ଥା ରହିଛି ତଥା ଦେଶର ମାଇକ୍ରୋ ଫାଇନାନ୍ସ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଏହାର ଅନ୍ୟତମ ଉଦ୍ଦେଶ୍ୟ ।

### ମୁଦ୍ରା ଯୋଜନା ପାଇଁ ଯୋଗ୍ୟତା

ଯେକୌଣସି ଭାରତୀୟ ନାଗରିକ ଯାହାଙ୍କର କି ଅଣ କୃଷି ଉପାର୍ଜନ କାର୍ଯ୍ୟ ଯଥା ଉତ୍ପାଦନ ପ୍ରକ୍ରିୟାକରଣ, ବ୍ୟବସାୟ କିମ୍ବା ସେବା କ୍ଷେତ୍ର ସଂପର୍କୀତ କାର୍ଯ୍ୟ ପାଇଁ ଆଗ୍ରହ ଥିବ ସେ ବ୍ୟାଙ୍କ,ଏମଏଫଆଇ କିମ୍ବା ଏନବିଏଫସିମାନଙ୍କ ଠାରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୁଦ୍ରା ଋଣ ନେଇପାରିବେ ।

### ଏହି ସୁବିଧା କିପରି ହାସଲ କରିବ

ଜଣେ ଋଣ ଆବେଦନକାରୀ କିମ୍ବା ସଂସ୍ଥା ଏହି ଋଣ ସକାଶେ ମୁଦ୍ରା ୱେବସାଇଟରେ ତାଲିକାଭୁକ୍ତ ହୋଇଥିବା ଯେକୌଣସି ଆର୍ଥିକ ଅନୁଷ୍ଠାନମାନଙ୍କୁ ଋଣ ପାଇଁ ଆବେଦନ କରିପାରିବେ । ଏହା ବ୍ୟତୀତ ସେ ୱେବସାଇଟ୍ - ଙଙଙ. ଙ୍କଯଛବଙ୍କସଙ୍କସଗ୍ବ୍ୱବ.ସଭରେ ମଧ୍ୟ ଅନଲାଇନରେ ଆବେଦନ କରିପାରିବେ ।

## କ୍ଷୁଦ୍ର ବ୍ୟବସାୟିକ ସଂସ୍ଥାମାନଙ୍କୁ ପାଇଁ ବଡ ସହାୟତା

- ୨୦୨୧ ମସିହା ମାର୍ଚ୍ଚ ୮ ତାରିଖ ଦିନ ଏହି ଯୋଜନାର ଶୁଭାରମ୍ଭ ହେବା ଦିନଠାରୁ ୨୮.୩୭ କୋଟି ଋଣ ଆବେଦନକାରୀଙ୍କ ଋଣ ମଞ୍ଜୁରୀ କରାଯାଇସାରିଛି । ସେମାନଙ୍କ ମଧ୍ୟରୁ ୨୦୨୧ ମସିହା ଫେବୃଆରୀ ୨୬ ତାରିଖ ସୁଦ୍ଧା ୭୦ ପ୍ରତିଶତ ମଂଜୁର ଋଣ ଗ୍ରହୀତା ହେଉଛନ୍ତି ମହିଳା ଉଦ୍ୟୋଗ ।
- ଏହିସବୁ ଋଣ ବ୍ୟବସାୟିକ ବ୍ୟାଙ୍କମାନେ , ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ୍ (ଆରଆରବି), କ୍ଷୁଦ୍ର ଆର୍ଥିକ ବ୍ୟାଙ୍କ୍, ମାଇକ୍ରୋ ଫାଇନାନ୍ସ ଅନୁଷ୍ଠାନ (ଏମଏଫଆଇ) ଏବଂ ଏନବିଏଫସିମାନେ ଯୋଗାଇଥାନ୍ତି ।
- ଏହି ଋଣ ହାସଲ କରିବା ସକାଶେ ବ୍ୟାଙ୍କମାନେ ସେମାନଙ୍କର ପ୍ରକ୍ରିୟାକୁ ସରଳସାଧ କରିଛନ୍ତି । ଏଥିପାଇଁ ସକଳ ପ୍ରକାର କାଗଜାତ କାମକୁ ସରଳ କରାଯାଇଛି ଯଦ୍ୱାରା ଆବଶ୍ୟକ ନଥି ସଂଗ୍ରହ ଆଦୌ କଷ୍ଟସାଧ ନୁହେଁ ।
- ମୁଦ୍ରା ଋଣ କୋଲାଟରାଲମୁକ୍ତ । ଏହି ଋଣ ପରିଶୋଧର ସର୍ବାଧିକ ଅବଧି ୫ ବର୍ଷ ।
- ମୁଦ୍ରା ଋଣ ଯୋଜନା ଅଧୀନରେ କ୍ଷୁଦ୍ର ଉତ୍ପାଦନ ୟୁନିଟ୍, ସେବା ସେକ୍ଟର ୟୁନିଟ୍, ଦୋକାନ, ଫଳ ଓ ପରିପରିବା ବିକାଳୀ, ଟ୍ରକ୍ ଅପରେଟର, ଖାଦ୍ୟ ସେବା ୟୁନିଟ୍, ମରାମତି ୟୁନିଟ୍, ମେସିନ୍ ଅପରେଟର, କ୍ଷୁଦ୍ର ଶିଳ୍ପ, କଳାକାର, ଖାଦ୍ୟ ପ୍ରକ୍ରିୟାକରଣକାରୀ ଆଦି ଋଣ ପାଇଁ ଆବେଦନ କରିପାରିବେ ।
- ଏଥିରେ ଥିବା ତିନୋଟି ବର୍ଗଙ୍କ ମଧ୍ୟରୁ ଶିଶୁ ଋଣ ବର୍ଗରେ ସଂଖ୍ୟା ଦୃଷ୍ଟିରୁ ସର୍ବାଧିକ ୮୮ ପ୍ରତିଶତ ଋଣ ଯୋଗାଇ ଦିଆଯାଇଛି ।

| ଆର୍ଥିକ ବର୍ଷ | ମଞ୍ଜୁର ହୋଇଥିବା ଋଣ ସଂଖ୍ୟା | ମଞ୍ଜୁର ପରିମାଣ | ଆବଣ୍ଟିତ ପରିମାଣ |
|---|---|---|---|
| 2015-16 | 3.49 କୋଟି | ₹1,37,449.27 | ₹1,32,954.73 |
| 2016-17 | 3.97 କୋଟି | ₹1,80,528.54 | ₹1,75,312.13 |
| 2017-18 | 4.81 କୋଟି | ₹2,53,677.10 | ₹2,46,437.40 |
| 2018-19 | 5.99 କୋଟି | ₹3,21,722.79 | ₹3,11,811.38 |
| 2019-20 | 6.23 କୋଟି | ₹3,37,495.53 | ₹3,29,715.03 |
| 2020-21 | 3.88 କୋଟି | ₹2,47,662.88 | ₹2,33,274.67* |

ତଥ୍ୟ ସୋର୍ସ: mudra.org.in
2020-21 ଆର୍ଥିକ ବର୍ଷ ପାଇଁ ଉପଲବ୍ଧ ତଥ୍ୟ


### ମୁଦ୍ରା ଋଣ ପାଇଁ ଆବେଦନ ପ୍ରକ୍ରିୟା

- ହିତାଧିକାରୀମାନଙ୍କୁ ମୁଦ୍ରା ୱେବସାଇଟରୁ ଏଥିପାଇଁ ଆବେଦନ ଫର୍ମ ଡାଉନଲୋଡ଼ କରିବାକୁ ପଡ଼ିବ ଏବଂ ତାହାକୁ ପୂରଣ କରି ସମସ୍ତ ପ୍ରକାର ଆବଶ୍ୟକ ସୂଚନା ଦେବାକୁ ହେବ ।
- ଏହା ପରେ ସେମାନେ ନିକଟବର୍ତ୍ତୀ ବ୍ୟାଙ୍କ ଶାଖାକୁ ଯାଇ ସେଠାରେ ସଂପୃକ୍ତ ବ୍ୟାଙ୍କର ଋଣ ଆବେଦନ ଫର୍ମ ପୂରଣ କରିବେ ।
- ଆବେଦନକାରୀଙ୍କୁ ଫର୍ମରେ ମଗାଯାଇଥିବା ଆବଶ୍ୟକ ସମସ୍ତ ପ୍ରକାର ସୂଚନା ଦେବାକୁ ହେବ । ସେଥି ମଧ୍ୟରେ ନାମ, ଠିକଣା, ଆଧାର ନମ୍ବର ଇତ୍ୟାଦି ରହିଛି । ଏହାପରେ ଏହି ଆବେଦନପତ୍ରର ଫଟୋକପି ସହ ତାହାକୁ ସେମାନେ ସଂପୃକ୍ତ ବ୍ୟାଙ୍କରେ ପେଶ କରିବେ ।
- ଏହା ପରେ, ବ୍ୟାଙ୍କ କର୍ତ୍ତୃପକ୍ଷ ସେହି ଆବେଦନପତ୍ର ତଥା ଅନ୍ୟ ନଥିକୁ ଯାଞ୍ଚ କରିବେ ଏବଂ ସେମାନେ ଆବେଦନପତ୍ର ପାଇବାର ଏକମାସ ମଧ୍ୟରେ ସେହି ବ୍ୟକ୍ତିଙ୍କ ବ୍ୟାଙ୍କ ଜମାଖାତାକୁ ଋଣ ଅର୍ଥ ପ୍ରଦାନ କରିବେ ।

ଏଭଳି ଏକ ସମୟ ଥିଲା ଯେତେବେଳେ ଯେଉଁମାନେ କେବଳ ଗ୍ୟାରେଣ୍ଟି ଯୋଗାଡ଼ କରିପାରୁଥିଲେ ସେଇମାନଙ୍କୁ ହିଁ ବ୍ୟାଙ୍କ ଋଣ ମିଳୁଥିଲା । ଏହା ଗରିବ ଲୋକ/ ସମାଜର ପଛୁଆବର୍ଗର ଲୋକମାନଙ୍କ ସକାଶେ ବିରାଟ ପ୍ରତିବନ୍ଧକ ସୃଷ୍ଟି କରୁଥିଲା । ସେମାନେ ବ୍ୟାଙ୍କମାନଙ୍କରୁ କ୍ୱଚିତ୍ ଋଣ ପାଇପାରୁଥିଲେ ଏବଂ ସେମାନେ ପୁଣି ଯଦି ଅଣ ଫର୍ମାଲ୍ ଋଣଦାତା ହୋଇଥିବେ । କିନ୍ତୁ ଏବେ ସମୟ ବଦଳି ଯାଇଛି ଏବଂ ଏପର୍ଯ୍ୟନ୍ତ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ପ୍ରାୟ ୧୫ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି । ପୁଣି ମୁଦ୍ରା ଋଣ ପାଇଥିବା ପ୍ରାୟ ୫୦ ପ୍ରତିଶତ ଋଣ ଗ୍ରହୀତା ହେଉଛନ୍ତି ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ତଥା ଅବହେଳିତ ବର୍ଗର ଲୋକ । ■

**କ୍ୟାବିନେଟ ନିଷ୍ପତ୍ତି**

# ବର୍ତ୍ତମାନ ସ୍ୱାସ୍ଥ୍ୟ ପାଇଁ ନନ୍-ଲାପସବେଲ ସଂରକ୍ଷିତ ପାଣ୍ଠି




*ଉନ୍ନତ ବିକାଶମୂଳକ ଫଳାଫଳ ପାଇଁ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାହା ଦ୍ୱାରା ଲୋକଙ୍କ ଆୟୁଷ ଗୋଟିଏ ବର୍ଷ ବୃଦ୍ଧି ସହିତ ମୁଣ୍ଡପିଛା ଜିଡିପି ୪ ପ୍ରତିଶତ ବଢିଥାଏ ।  ସ୍ୱାସ୍ଥ୍ୟ କ୍ଷେତ୍ରରେ ନିବେଶ ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି କରେ, ବହୁଳ ଭାବେ ମହିଳାମାନଙ୍କ ପାଇଁ, ଯେଉଁମାନଙ୍କ ଲାଗି ସ୍ୱାସ୍ଥ୍ୟ ସେବା ଅଧିକ ଆବଶ୍ୟକ ହୋଇଥାଏ । ୨୦୧୮ କେନ୍ଦ୍ର ବଜେଟରେ, ଅର୍ଥମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନା ଘୋଷଣା କଲାବେଳେ ଜାରି ରହିଥିବା ୩ପ୍ରତିଶତ ଶିକ୍ଷା ସେସ୍ ସ୍ଥାନରେ ସ୍ୱାସ୍ଥ୍ୟ ଓ ଶିକ୍ଷା ସେସ୍ ୪ ପ୍ରତିଶତ ରଖିବାକୁ ଘୋଷଣା କରିଥିଲେ । ବର୍ତ୍ତମାନ ସରକାର ସ୍ୱାସ୍ଥ୍ୟ ସେସ ଯେଭଳି ପୂର୍ଣ୍ଣ ମାତ୍ରରେ ଖର୍ଚ୍ଚହୋଇ ପାରିବ ସେଥିପାଇଁ ଏକ ସ୍ୱତନ୍ତ୍ର ପାଣ୍ଠିରେ ରଖିବାକୁ ନିଷ୍ପତ୍ତି ନେଇଛନ୍ତି ଯାହାଦ୍ୱାରା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକ ପୂରଣ ପାଇଁ ଅର୍ଥର ଅଭାବ ରହିବ ନାହିଁ ।*



**ନିଷ୍ପତ୍ତି:** ପ୍ରଧାନ ମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ନିଧି (ପିଏମ୍ଏସ୍ଏସ୍ଏନ୍)କୁ କ୍ୟାବିନେଟ୍ ଅନୁମୋଦନ କରିଛି ଯାହା ସ୍ୱାସ୍ଥ୍ୟସେବା ପାଇଁ ସ୍ୱାସ୍ଥ୍ୟ ଓ ଶିକ୍ଷା ସେସ୍‌ରୁ ଆସୁଥିବା ଏକକ ନନ୍-ଲାପସେବଲ୍ ସଂରକ୍ଷିତ ପାଣ୍ଠି ।

**ଲାଭ:**

- ମୁଖ୍ୟ ଲାଭ ହେଉଛି ନିର୍ଦ୍ଦିଷ୍ଟ ଉତ୍ସ ଗୁଡିକର ଉପଲବ୍ଧିତା ଦ୍ୱାରା ସାର୍ବଜନୀନ ଓ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେବା । ତେବେ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଅର୍ଥ ଯେଭଳି ପଡି ନରୁହେ ତାହା ସୁନିଶ୍ଚିତ କରିବା ।
- ଏହାର ଅର୍ଥ ହେଉଛି ସ୍ୱାସ୍ଥ୍ୟସେବା ପାଇଁ ସାଧାରଣ ଆକାଉଣ୍ଟରେ ଏକ ନନ୍-ଲାପସେବଲ୍ ରିଜର୍ଭ ପାଣ୍ଠି ।
- ସ୍ୱାସ୍ଥ୍ୟ ଓ ଶିକ୍ଷା ସେସ୍‌ରେ ଥିବା ସ୍ୱାସ୍ଥ୍ୟ ଅଂଶକୁ ପିଏମ୍ଏସ୍ଏସ୍ଏନରେ ଜମା କରିବା ।
- ପିଏମ୍ଏସ୍ଏସ୍ଏନ୍‌ରେ ଥିବା ଅଧିକ ଅର୍ଥକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ବିଭିନ୍ନ ମହତ୍ୱାକାଂକ୍ଷୀ ଯୋଜନାରେ ବ୍ୟବହାର କରାଯିବ । ଏଗୁଡିକ ହେଲା:
- ଆୟୁଷ୍ମାନ ଭାରତ - ପ୍ରଧାନ ମନ୍ତ୍ରୀ  ଜନ ଆରୋଗ୍ୟ ଯୋଜନା (ଏବି-ପିଏମ୍‌ଜେଏୱାଇ)
- ଆୟୁଷ୍ମାନ ଭାରତ – ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର (ଏବି-ଏଚ୍‌ଡବ୍ଲୁୟସିଏସ୍)
- ଜାତୀୟ ସ୍ୱାସ୍ଥ୍ୟ ମିଶନ
- ପ୍ରଧାନ ମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ପିଏମ୍ଏସ୍ଏସ୍ୱାଇ)
- ଜରୁରୀକାଳୀନ ପରିସ୍ଥିତି ଏବଂ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ସ୍ୱାସ୍ଥ୍ୟ ଜରୁରୀକାଳୀନ ସମୟରେ ଦାୟିତ୍ୱ  ।
- ଜାତୀୟ ସ୍ୱାସ୍ଥ୍ୟ ନୀତି (ଏନ୍ଏଚ୍‌ପି) ୨୦୧୭ ଅନୁଯାୟୀ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଲାଗି ଭବିଷ୍ୟତର ଯେକୌଣସି ଯୋଜନା/କାର୍ଯ୍ୟକ୍ରମ । ■



# ଜନ ଔଷଧି କେନ୍ଦ୍ର ଲୋକଙ୍କ ସେବାରେ

ପ୍ରଧାନ ମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ର (ପିଏମ୍‌ବିଜେପି) ବିଭିନ୍ନ ବୟସର ଲୋକଙ୍କ ଆବଶ୍ୟକତାକୁ ପୂରଣ କରୁଛି । ପିଲାମାନଙ୍କ ଠାରୁ ବୟସ୍କ, ମହିଳାଙ୍କଠାରୁ ବରିଷ୍ଠ ନାଗରିକ, ପିଏମ୍‌ବିଜେପି ସମସ୍ତଙ୍କୁ ସୁଲଭ ଔଷଧ ଯୋଗାଉଛି । ନିକଟରେ ପ୍ରଧାନମନ୍ତ୍ରୀ ଏହି ଯୋଜନାର ସମ୍ପ୍ରସାରଣ ପାଇଁ ୭୫୦୦ ତମ ଜନୌଷଧି କେନ୍ଦ୍ରକୁ ଉଦଘାଟନ କରିଥିଲେ ।

ମୁଁ ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ହୃଦଘାତ ରେ ପୀଡିତ । ତେଣୁ ମୁଁ ବାଧ୍ୟ ହେଲି ପ୍ରତି ମାସରେ ୫୦୦୦ ରୁ ୬,୦୦୦ ଟଙ୍କାର ଔଷଧ ବଜାରରୁ ଖରିଦ କରିଥାଏ। କିନ୍ତୁ ସବୁବେଳେ ଯେହେତୁ ଜନ ଔଷଧି କେନ୍ଦ୍ର ଖୋଲା ଯାଇଛି, ମୁଁ ସେହି ଔଷଧଗୁଡିକୁ ମାତ୍ର ୮୦୦-୧,୦୦୦ ଟଙ୍କାରେ ପାଇ ପାରୁଛି । ହିମାଚଳ ପ୍ରଦେଶର ସରୋଗ ଗ୍ରାମରୁ କୃଷ୍ଣ ବର୍ମା ଭାବପ୍ରବଣ ହେବା ସହିତ ଏଭଳି ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମେସିହା ବୋଲି କହିଛନ୍ତି ।

ଗରିବ ଏବଂ ମଧ୍ୟବିତ୍ତଲୋକଙ୍କ ପାଇଁ ଖୁସି ଆଣିଦେଇଥିବା ଜନ ଔଷଧିô କେନ୍ଦ୍ର ୨୦୧୪ ପରେ ହୋଇଥିବା ବୈପ୍ଳବିକ ସମ୍ପ୍ରସାରଣର ମୂକ ସାକ୍ଷୀ । ଏହିଅଭିଯାନର ଉଦ୍ଦେଶ୍ୟ ହେଉଛି ଗରିବ ଲୋକଙ୍କୁ ସୁଲଭ ଦରରେ ଔଷଧ ଯୋଗାଇବା ଏବଂ ଔଷଧ ବିନା କୌଣସି ଲୋକ ମୃତ୍ୟୁମୁଖରେ ନପଡିବା । ସୁଲଭ ଔଷଧର ଆବଶ୍ୟକତାକୁ ଦେଖି ସମଗ୍ରଦେଶରେ ଜନ ଔଷଧି କେନ୍ଦ୍ର ଖୋଲା ଯାଇଛି । ମାର୍ଚ୍ଚ ୭, ୨୦୨୧ରେ ତୃତୀୟ ଜେନେରିକ ଔଷଧ ଦିବସ (ଜନ ଔଷଧି ଦିବସ) ଅବସରରେ ୭୫୦୦ ତମ ଜନ ଔଷଧି କେନ୍ଦ୍ର ସିଲଂ ଠାରେ ଉଦଘାଟନ ହୋଇଥିଲା ।

## ଗରିବଙ୍କ ପାଇଁ ଲାଭଦାୟକ

- ଦୁର୍ଗମ ଅଞ୍ଚଳରୁ ସହର ପର୍ଯ୍ୟନ୍ତ ୭,୫୦୦ ଜନ ଔଷଧି କେନ୍ଦ୍ର ପରିବ୍ୟାପ୍ତ ହୋଇଛି ।
- ୧,୪୦୦ ରୁ ଅଧିକ ଔଷଧ, ସାନିଟାରୀ ପ୍ୟାଡ୍, ସିରିଞ୍ଜ ଏବଂ ୨୦୪ ରୁ ଅଧିକ ସର୍ଜିକାଲ୍ ଉପକରଣ ବଜାର ଦର ଠାରୁ ୫୦ ରୁ ୯୦ ପ୍ରତିଶତ କମ୍ ମୂଲ୍ୟରେ ଏହି କେନ୍ଦ୍ରରେ ଉପଲବ୍ଧ ।
- ଦୈନିକ ୧୦ଲକ୍ଷ ରୋଗୀଙ୍କୁ ସୁଲଭ ମୂଲ୍ୟରେ ଔଷଧ ଯୋଗାଣ ଦ୍ୱାରା ଗତ ୬ ବର୍ଷରେ ୯,୦୦୦ କୋଟି ଟଙ୍କା ସଞ୍ଚୟ କରାଯାପାରିଛି ।
- ସୁଲଭ ମୂଲ୍ୟରେ ମିଳୁଥିବା ଔଷଧ ବହୁତ ଭଲ ମାନର, କାରଣ ସେଗୁଡିକୁ ଡବଲ୍ୟୁଏଚ୍‌ଓ-ଜିଏମ୍‌ସି ପ୍ରମାଣପତ୍ର ଥିବା ପ୍ରସ୍ତୁତକର୍ତ୍ତାଙ୍କଠାରୁ ଖରିଦ କରାଯାଉଛି ।
- ଏନ୍‌ଏବିଏଲ୍ ପରୀକ୍ଷାଗାରରେ ଠିକଣାଭାବେ ପରୀକ୍ଷାପରେ ସେଗୁଡିକୁ ଜନ ଔଷଧି କେନ୍ଦ୍ରକୁ ଯୋଗାଣ କରାଯାଉଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ୭,୫୦୦ ର ମାଇଲଖୁଣ୍ଟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ଛଅବର୍ଷ ପୂର୍ବେ ଦେଶରେ ଏଭଳି ୧୦୦ ଟି କେନ୍ଦ୍ର ମଧ୍ୟ ନଥିଲା । ଯେତେଶୀଘ୍ର ସମ୍ଭବ ଆମେ ୧୦,୦୦୦ ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଛୁ । ■

## ଜନ ଔଷଧି କେନ୍ଦ୍ର : ପ୍ରତ୍ୟେକଙ୍କର ଯତ୍ନ ନିଏ



ଜନ ଔଷଧି ବଚପନ ଅଧିନରେ ପିଲାମାନଙ୍କ ଡାଏପର ଉପଲବ୍ଧ



ଜନ ଔଷଧି ଜନନୀ ଅଭିଯାନ ଗର୍ଭବତୀ ମହିଳାମାନଙ୍କ ପାଇଁ ଆବଶ୍ୟକ ଭିଟାମିନ୍ ନିଶ୍ଚିତ କରିଥାଏ



ଜନ ଔଷଧି ସ୍ୱାଭିମାନ ଅଧିନରେ ବରିଷ୍ଠ ନାଗରିକଙ୍କପାଇଁ ଡାଏପର ଉପଲବ୍ଧ



ତମାଖୁ ଅଭ୍ୟାସ ଛାଡିବାପାଇଁ ଜନ ଔଷଧି ନିର୍ମଳ ଉତ୍ପାଦନ



ଷ୍ଟେଣ୍ଟ, ଆଣ୍ଠୁ ପ୍ରତ୍ୟାରୋପଣ ଏବଂ କର୍କଟ ବିରୋଧି ଔଷଧର ଦର ନିୟନ୍ତ୍ରଣ ୫୦୬୬କୋଟି ଟଙ୍କା ସଞ୍ଚୟ କ୍ଷେତ୍ରରେ ଲୋକଙ୍କୁ ସହାୟକ ହୋଇପାରିଛି ।



ଜନୌଷଧି କେନ୍ଦ୍ରରୁ ଔଷଧ ଖରିଦ ଲୋକଙ୍କୁ ୯୦୦୦ କୋଟି ସଞ୍ଚୟ କ୍ଷେତ୍ରରେ ସହାୟତା କରିପାରୁଛି

# ଟିକା ମୈତ୍ରୀ

## ବିଶ୍ୱକୁ ଭାରତର ବୁଷ୍ଟର ଡୋଜ୍



କରୋନା ବିରୋଧି ଲଢେଇରେ ଭାରତ ବିଶ୍ୱରେ ଏକ ଉଦାହରଣ ସୃଷ୍ଟି କରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ କ୍ଷେତ୍ରରେ ଏହା ବର୍ତ୍ତମାନ ଆଗରେ ଅଛି । ମାର୍ଚ୍ଚ ୧୬ତାରିଖ ସୁଦ୍ଧା ଭାରତ ୩୬ଟି ଦେଶକୁ ଉପହାର ଭାବେ ୮୧.୨୫ଲକ୍ଷ ଡୋଜ ସହିତ ୭୧ଟି ଦେଶକୁ କୋଭିଡ-୧୯ ଟିକାର ୫.୮୬ କୋଟିରୁ ଅଧିକ ଡୋଜ ଯୋଗାଇ ଦେଇଛି ।

କ୍ୟୁଆର କୋଡ୍‌କୁ ସ୍କାନ କଲେ ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ବକ୍ତବ୍ୟ ଶୁଣିପାରିବେ ।

*"ମୁଁ ଦେଶର ସମସ୍ତ ଲୋକଙ୍କୁ ଅନୁରୋଧ କରୁଛି ପାଳି ଆସିଲେ ତୁମେ ନିଜର ଟିକାକରଣ କର ଯାହା କେବଳ କରୋନା ମହାମାରୀକୁ ଏଡାଇପାରିବ ।"*

୧୦୪ ବର୍ଷ ବୟସ୍କ ଶ୍ୟାମା ଶରଣ ନେଗି ନିଜେ ଟିକା ନେବାପରେ ଲୋକଙ୍କୁ ଏହି ନିବେଦନ କରିଥିଲେ । ନେଗି ହେଉଛନ୍ତି ସ୍ୱାଧୀନ ଭାରତର ପ୍ରଥମ ମତଦାତା । ଟିକାକରଣ ପାଇଁ ସେ ଯେତେବେଳେ ହିମାଚଳ ପ୍ରଦେଶର କିନାଉର ଜିଲ୍ଲାର ରେକଙ୍ଗ ପିଓ ଠାରେ ପହଞ୍ଚିଲେ ସେତେବେଳେ ଉପସ୍ଥିତ ସ୍ୱାସ୍ଥ୍ୟକର୍ମୀମାନେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ । ବେଙ୍ଗାଲୁରର ୧୦୩ ବର୍ଷିୟା ମହିଳା ଜେ କାମେଶ୍ୱରୀ, ଯିଏକି ଭାରତର ସବୁଠାରୁ ବୟସ୍କ ମହିଳା ଟିକାନେବାପରେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ୮୦ ବର୍ଷ ବୟସ୍କ ଅବସରପ୍ରାପ୍ତ ଶିକ୍ଷକ ରାମ କିଶୋର ସାହୁ ଟିକା ନେବାପାଇଁ ତାମର ବ୍ଲକ ଅଧିନରେ ଥିବା ନିଜ ପୈତୃକ ଗ୍ରାମ ସର୍ଜମଡିଡି ଠାରୁ ୭୮ କିଲୋମିଟର ଦୂର ରାଞ୍ଚି ପର୍ଯ୍ୟନ୍ତ ମୋଟରସାଇକେଲ ଚଳାଇ ଆସିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୦୦ ବର୍ଷୀୟ ମାତା ହିରା ବେନଙ୍କୁ ମଧ ଟିକା ଦିଆଯାଇଛି ।

ଭାରତରେ ଚାଲିଥିବା ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣର ଏହା ମାତ୍ର କେତୋଟି ଉଦାହରଣ । କରୋନର ବିଲୋପ ପାଇଁ ଭାରତରେ ଏବେ ବିଶ୍ୱର ସର୍ବବୃହତ୍ ଟିକାକରଣ ଅଭିଯାନ ଚାଲୁଛି । ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ କାର୍ଯ୍ୟକର୍ତ୍ତାମାନେ ଟିକା ନେଇଥିବାବେଳେ ୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି, ଏକାଧିକ ରୋଗରେ ପୀଡିତ ୪୫ରୁ ୬୦ ବର୍ଷ ବୟସ୍କ ବ୍ୟକ୍ତଙ୍କୁ ମାର୍ଚ୍ଚ ୧ତାରିଖରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ କାର୍ଯ୍ୟକ୍ରମରେ

### ହରିଦ୍ୱାର କୁମ୍ଭରେ କେନ୍ଦ୍ରୀୟ ଟିମ୍ ମୁତୟନ

ଏପ୍ରିଲରୁ ହରିଦ୍ୱାରରେ ଆରମ୍ଭ ହେଉଥିବା କୁମ୍ଭମେଳା ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାର ପ୍ରସ୍ତୁତି କରିଛନ୍ତି । ଜଣେ ବରିଷ୍ଠ ଅଧିକାରୀଙ୍କ ଅଧିନରେ ଡାକ୍ତରୀ ଟିମ୍ ମୁତୟନ କରାଯାଇଛି । ଏମାନେ କୋଭିଡ-୧୯ ସଂକ୍ରମଣ ରୋକିବାପାଇଁ ଥିବା ମାର୍ଗଦର୍ଶିକା କାର୍ଯ୍ୟକାରୀ ଲାଗି ପଦକ୍ଷେପ ନେବେ ।

# ଭାରତର ଭେକ୍ସିନ ମୈତ୍ରୀ କାର୍ଯ୍ୟକ୍ରମକୁ ବିଶ୍ୱବ୍ୟାପି ପ୍ରଶଂସା




- କରୋନାକୁ ମୁକାବିଲା କରିବାରେ ଭାରତର ଭୂମିକାକୁ ବିଶ୍ୱବ୍ୟାପି ପ୍ରଶଂସା କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରେ ,ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ କହିଛନ୍ତି ଯେ ଟିକା ବିକାଶରେ ଭାରତର ଭୂମିକା ଏବଂ କରୋନା ମହାମାରୀକୁ ରୋକିବା ପାଇଁ ଅନେକ ଦେଶରେ ଟିକା ପହଞ୍ଚାଇବା ସମସ୍ତଙ୍କ ପାଇଁ ପ୍ରେରଣା ଦେବା ଉଚିତ ।
- ଟିକା ମୈତ୍ରୀ କାର୍ଯ୍ୟକ୍ରମ ଅଧୀନରେ ଭାରତ ବିଶ୍ୱର ୭୧ ଟି ଦେଶକୁ ୫.୮୭ ରୁ ଅଧିକ କୋରୋନା ଟିକା ଡୋଜ ପଠାଇଛି । ସେଥିମଧ୍ୟରୁ ୮୧.୨୫ ଲକ୍ଷ ଡୋଜ ୩୭ ଟି ଦେଶକୁ ଉପହାର ଭାବରେ ଦିଆଯାଇଛି ।
- ୱେଷ୍ଟଇଣ୍ଡିଜର ମହାନ କ୍ରିକେଟର ଭିଭିଆନ୍ ରିଚାର୍ଡସ୍ଙ୍କ ସହିତ ଜିମି ଆଡାମସ୍ ଏବଂ ରାମନରେଶ ସରଭଣ ଆଣ୍ଟିଗୁଆ ଏବଂ ବାର୍ବାଡୋସକୁ ଟିକା ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।
- ଆନ୍ତଃ ସଂସଦୀୟ ସଂଘର ମୁଖ୍ୟ ଡୁଆର୍ଟେ ପାଚେକୋ ମାର୍ଚ୍ଚ ୧୭, ୨୦୨୧ ରେ ସଂସଦର ସେଣ୍ଟ୍ରାଲ ହଲ୍ ଠାରେ ସାଂସଦମାନଙ୍କୁ ସମ୍ବୋଧନ ସମୟରେ କହିଛନ୍ତି ଯେ ଭାରତ ତାହାର ଟିକା ଦ୍ୱାରା ସମଗ୍ର ବିଶ୍ୱକୁ ସହାୟତା କରୁଛି ।

## ଔଷଧ ସହିତ ସମସ୍ତ ନିୟମ ପାଳନ ଏବେ ବି ଆବଶ୍ୟକ...

| ସ୍ୱାସ୍ଥକର୍ମୀ | ସମ୍ମୁଖ ଭାଗରେ ଥିବା କର୍ମଚାରୀ | ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ୪୫ରୁ ୬୦ ବର୍ଷ ବୟସ୍କ | ୬୦ବର୍ଷରୁ ଉର୍ଦ୍ଧ୍ୱ |
|---|---|---|---|
| ପ୍ରଥମ ଡୋଜ୍ 74,08,521 | ପ୍ରଥମ ଡୋଜ୍ 74,26,479 | ପ୍ରଥମ ଡୋଜ୍ 16,96,497 | ପ୍ରଥମ ଡୋଜ୍ 95,19,024 |
| ଦ୍ୱିତୀୟ ଡୋଜ୍ 43,97,613 | ଦ୍ୱିତୀୟ ଡୋଜ୍ 13,23,527 | | |

ମାର୍ଚ୍ଚ ୧୫ତାରିଖ ସଂଧ୍ୟା ୭ଟା ସୁଦ୍ଧା ମିଳିଥିବା ତଥ୍ୟ : ଉତ୍ସ : ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର

## ଯେହେତୁ କେତେକ ରାଜ୍ୟରେ କରୋନା ମାମଲା ବୃଦ୍ଧି ପାଉଛି...

ମୋଟ ସକ୍ରିୟ ରୋଗୀ : **2,23,432**

| | | |
|---|---|---|
| **1,10,27,543** ସୁସ୍ଥ ହୋଇଥିବା ରୋଗୀ | **1,58,856** ମୃତ | **96.65%** ଆରୋଗ୍ୟ ହାର |

ମୃତ୍ୟୁ ହାର : **1.39%**

**ମୋଟ ପରୀକ୍ଷା : ୨୪୧୬ଟି ସରକାରୀ ଓ ଘରୋଇ ପରୀକ୍ଷାଗାରରେ ୨୨,୮୨,୮୦,୭୬୩ ନମୂନା ପରୀକ୍ଷା ହୋଇଛି ।**

*ମାର୍ଚ୍ଚ 15,2021 ସୁଦ୍ଧା ମିଳିଥିବା ତଥ୍ୟ

ଟିକା ଦିଆଯାଇଛି । ମାର୍ଚ୍ଚ ୧୫ ତାରିଖରେ ଟିକାକରଣ ଅଭିଯାନର ୫୯ଦିନ ସୁଦ୍ଧା ଦେଶର ପ୍ରାୟ ୩କୋଟି ୧୭ଲକ୍ଷ ଲୋକଙ୍କୁ ଟିକାଦିଆଯାଇଛି । ଭାରତ ହେଉଛି ବିଶ୍ୱର ଚତୁର୍ଥ ଦେଶ ଯେଉଁଠାରେ ସର୍ବାଧିକ ସଂଖ୍ୟାରେ କୋଭିଡ୧୯ ଟିକା ଦିଆଯାଇଛି । ■

- କେତେକ ରାଜ୍ୟରେ କରୋନା ସଂକ୍ରମଣ ପୁର୍ନବାର ବୃଦ୍ଧି ପାଇଛି । ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ମହାରାଷ୍ଟ୍ର, ପଞ୍ଜାବ, କର୍ଣ୍ଣାଟକ, ଗୁଜୁରାଟ ଏବଂ ତାମିଲନାଡୁ ରେ ଏହା ତୀବ୍ର ଗତିରେ ବୃଦ୍ଧି ପାଇଛି । ମାର୍ଚ୍ଚ ମାସର ପ୍ରଥମ ୧୫ ଦିନରେ, ଦେଶରେ ପ୍ରାୟ ୨.୯୭ ଲକ୍ଷ ନୂତନ ରୋଗୀ ବାହାରିଛନ୍ତି । ଏଥିମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ୫ଟି ରାଜ୍ୟରୁ ରହିଥିବା ରିପୋର୍ଟ କରାଯାଇଛି । ଦିଲ୍ଲୀ ଏବଂ ହରିୟାଣାରେ ମଧ୍ୟ ମାମଲାଗୁଡ଼ିକର ବୃଦ୍ଧି ରେକର୍ଡ କରାଯାଇଛି ।
- କରୋନା ସଂକ୍ରମଣକୁ ରୋକିବାପାଇଁ ମହାରାଷ୍ଟ୍ରର କେତେକ ଇଲାକାରେ ଆଂଶିକ ଲକଡାଉନ୍ ଲଗାଯାଇଛି । ମାର୍ଚ୍ଚ ୧୭, ୨୦୨୧ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୋଭିଡ-୧୯ ସ୍ଥିତି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ସମୀକ୍ଷା କରିଥିଲେ ।

# ଏକ ନୂତନ ବାଣିଜ୍ୟିକ ସଂଯୋଗ ସ୍ଥଳ



**ବାଂଲାଦେଶ ସହ ସଂଯୋଗ କେବଳ ବନ୍ଧୁତ୍ୱକୁ ମଜବୁତ କରୁନାହିଁ, ବରଂ ଏହା ଏକ ବଳିଷ୍ଠ ବାଣିଜ୍ୟିକ ସଂଯୋଗ ଭାବେ ମଧ୍ୟ କାର୍ଯ୍ୟ କରୁଛି । ପୂର୍ବ ଉତ୍ତରପୂର୍ବ ଓ ବାଂଲାଦେଶ ମଧ୍ୟରେ ସମଗ୍ର ଅଞ୍ଚଳକୁ ଏକ ବାଣିଜ୍ୟିକ ସ୍ଥଳୀଭାବେ ବିକାଶିତ କରିଛି ।**

ଯେତେବେଳେ ଗୋଟିଏ ପୋଲ ତିଆରି ହୁଏ, ଏହା ଦୁଇଟି ପୃଥକ୍ ପୃଥବ ଅଞ୍ଚଳକୁ ସଂଯୋଗ କରିଥାଏ। ମାତ୍ର ଭାରତରେ ଦକ୍ଷିଣ, ତ୍ରିପୁରା ଜିଲ୍ଲା ଓ ବାଂଲାଦେଶ ମଧ୍ୟରେ ପ୍ରବାହିତ ଫେନୀ ନଦୀର ପୋଲ ଦୁଇଟି ଦେଶର ହୃଦୟକୁ ଯୋଡିବାରେ ସହାୟକ ହୋଇଛି। ସେ ଦୃଷ୍ଟିରୁ ଏହି ପୋଲକୁ ଯଥାର୍ଥରେ ମୈତ୍ରୀ ସେତୁ ଭାବେ ବିବେଚନା କରାଯାଉଛି । ଯାହାକୁ କି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଚଳିତବର୍ଷ ମାର୍ଚ୍ଚ ୯ତାରିଖ ଦିନ ଉଦ୍‌ଘାଟନ କରିଛନ୍ତି। ଭର୍ଚୁଆଲ ମୋଡରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ସେକ୍ ହାସିନା ମଧ୍ୟ ଉପସ୍ଥିତ ଥିଲେ। ଗତଥର ବାଂଲାଦେଶ ପରିଦର୍ଶନ କାଳରେ ପ୍ରଧାନମନ୍ତ୍ରୀ ବାଂଲାଦେଶ ପ୍ରଧାନମନ୍ତ୍ରୀଙ୍କ ସହ ମିଶି ଏହି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ଭାରତ ଓ ବାଂଲାଦେଶ ମଧ୍ୟରେ ସଂଯୋଗ ସ୍ଥାପନ ବ୍ୟତୀତ ଏହି ସେତୁ ପର୍ଯ୍ୟଟନ, ବାଣିଜ୍ୟ ଓ ବନ୍ଦରଭିତିକ ବିକାଶ ପାଇଁ ନୂତନ ସୁଯୋଗମାନ ସୃଷ୍ଟି କରିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ତ୍ରିପୁରାର ଅନେକ ବିକାଶମୂଳକ ପ୍ରକଳ୍ପର ମଧ୍ୟ ଉଦ୍‌ଘାଟନ କରିଛନ୍ତି । ସେଗୁଡିକ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ବିକାଶିତ ରାଜପଥ, ଜିଲ୍ଲାସ୍ତରୀୟ ସଡକ ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ନିର୍ମିତ ୪୧,୦୦୦ ଘର, ଅଗରତଳା ସ୍ମାଟ ସିଟି ମିଶନ ଅଧୀନରେ ନିର୍ମିତ ସମନ୍ୱିତ କମାଣ୍ଡ ଓ ନିୟନ୍ତ୍ରଣ କେନ୍ଦ୍ର, ବାଣିଜ୍ୟିକ କେନ୍ଦ୍ର ଇତ୍ୟାଦି ।

### ଜୀବନ ଧାରଣମାନଙ୍କୁ ସୁଗମ କରିବ ସେତୁ

- ୧.୯କିଲୋମିଟର ଦୀର୍ଘ ପୋଲ (ମୈତ୍ରୀ ସେତୁ) ୧୩୩କୋଟି ଟଙ୍କା ବ୍ୟୟରେର ଫେନୀ ନଦୀ ଉପରେ ନିର୍ମିତ ହୋଇଛି। ଏହା ଭାରତର ସାବରୁମ୍ ଓ ବାଂଲାଦେଶର ରାମଗଡକୁ ସଂଯୋଗ କରୁଛି ।
- ଏହି ସେତୁ ଯୋଗୁଁ ତ୍ରିପୁରା ବାଂଲାଦେଶର ପ୍ରବେଶ ଦ୍ୱାର ହୋଇ ଚିଟାଗଙ୍ଗ ବନ୍ଦରକୁ ସଂଯୋଗ କରିବ । କାରଣ ସାବରୁମ ଓ ରାମଗଡ ମଧ୍ୟରେ ଦୂରତା ମାତ୍ର ୮୦କିଲୋମିଟର।
- ଭାରତ ଓ ବାଂଲାଦେଶ ମଧ୍ୟରେ ଏହି ସେତୁ ବାଣିଜ୍ୟ ଯୋଗୁଁ ଯୋଗାଯୋଗ ବୃଦ୍ଧି କରିବା ସହ ଏହା ଏକ ସଫଳତାର ମାଇଲଖୁଂଟ ବିବେଚିତ ହେବ ।
- ସାବରୁମ ସମନ୍ୱିତ ତନଖିଫାଟକ (ଆଇସିପି) ତିଆରି ଆରମ୍ଭ ମଧ୍ୟ ହୋଇଯାଇଛି । ଏହି ଆଇସିପି ଏକ ସମ୍ପୂର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କର କେନ୍ଦ୍ର ବିନ୍ଦୁ ହେବ ।
- ସାବରୁମ ସମନ୍ୱିତ ତନଖିଫାଟକ (ଆଇସିପି) ତିଆରି ଆରମ୍ଭ ମଧ୍ୟ ହୋଇଯାଇଛି । ଏହି ଆଇସିପି ଏକ ସମ୍ପୂର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କର କେନ୍ଦ୍ର ବିନ୍ଦୁ ହେବ । ■

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଅଭିଭାଷଣ ଶୁଣିବା ପାଇ ପାଇଁ କ୍ୟୁଆର କୋର୍ଡ ସ୍କାନ କରନ୍ତୁ



### ଏପ୍ରିଲ ପହିଲା ଜନ୍ମବାର୍ଷିକୀ ପାଳନ ଅବସରରେ

# ଗୁରୁ ତେଗ୍ ବାହାଦୁରଃ ସାହସ, ତ୍ୟାଗ ଓ ଅନୁକମ୍ପା ପାଇଁ ସମର୍ପିତ ଏକ ଜୀବନ

> “ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କ ଭଳି ମୁଁ ମଧ୍ୟ ଗୁରୁ ତେଗ୍ ବାହାଦୂରଜୀଙ୍କ ଦୟାଭାବ ଦ୍ୱାରା ଗଭୀରଭାବେ ଅନୁପ୍ରାଣୀତ ।
>
> ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ମାତ୍ର ୧୪ବର୍ଷ ବୟସରେ ଆମର ଅଧିକାଂଶ ପିଲା ଖେଳ ଓ ପାଠପଢାରେ ବ୍ୟସ୍ତ ରହନ୍ତି । ମାତ୍ର ତ୍ୟାଗ ମଲ ନାମକ ବାଳକ ଯୁଦ୍ଧ କ୍ଷେତ୍ରରେ ମୋଗଲମାନଙ୍କ ସହ ଯୁଦ୍ଧକରି ଇତିହାସ ରଚିଥିଲା  । ତାଙ୍କର ଶୌର୍ଯ୍ୟ ଓ ପରାକ୍ରମ ତାଙ୍କୁ ତେଗ୍ ବାହାଦୁର ବା (ଶକ୍ତିଶାଳୀ ଅସୀ ଯୋଦ୍ଧା)ର ଆସନ ପ୍ରଦାନ କରିଥିଲା । ଏହି ପ୍ରବଳ ପ୍ରତାପୀ ଶିଖମାନଙ୍କ ନବମଗୁରୁର ଆସନ ଅଳଙ୍କୃତ କରିଥିଲେ ।

ଅମୃତସରରେ ଜନ୍ମ ଗ୍ରହଣ କରିଥିବା ତେଗ୍ ବାହାଦୁର ଥିଲେ ଶିଖମାନଙ୍କ ଷଷ୍ଠଗୁରୁ ହରଗୋବିନ୍ଦଙ୍କ ସବା ସାନପୁଅ । ଶିଖ୍ମାନଙ୍କ  ଅଷ୍ଟମଗୁରୁ ହରକିଶନଙ୍କ ବିୟୋଗ ପରେ  ଗୁରୁ ତେଗ୍‌ବାହାଦୁର ହୋଇଥିଲେ ନବମଗୁରୁ। ତେଗ୍ ବାହାଦୁର ଲୋକମାନଙ୍କ ଦୁଃଖ କଷ୍ଟ ଦୂର କରିବା ସହ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରୁଥିଲେ ।

ଲୋକକଥା ଅନୁସାରେ ମୋଗଲ ସମ୍ରାଟ ଆଉରେଙ୍ଗଜେବ୍‌ଙ୍କ ଦରବାରରେ ନିଯୁକ୍ତ ଜଣେ ପଣ୍ଡିତ ଭଗବତ୍ ଗୀତାର ଶ୍ଳୋକ ଆବୃତି କରିବା ସହ ଏହାର ଭାବାର୍ଥ ମଧ୍ୟ ବୁଝାଉଥିଲେ। ମାତ୍ର ସେ ବାଛି ବାଛି କେତେକ ଶ୍ଳୋକ ଆବୃତି କରୁଥିଲେ। ଥରେ ଶରୀର ଅସୁସ୍ଥ ଯୋଗୁଁ ସେ ତାଙ୍କ ପୁଅକୁ ଦରବାର ପଠାଇଲେ । ମାତ୍ର କେତେକ ବଛା ବଛା ଶ୍ଳୋକ ହିଁ ସମ୍ରାଟଙ୍କ ନିକଟରେ ଆବୃତି କରିବାକୁ  କହିବାକୁ ଭୁଲିଗଲେ। ତାଙ୍କ ପୁଅ ଏହା ଜାଣି ନ ଥିବାରୁ ସେ ସମସ୍ତ ଶ୍ଳୋକ ଆବୃତି କରିବାରେ ଲାଗିଲେ । ପଣ୍ଡିତଙ୍କ ପୁଅଠାରୁ ଆମୂଳଚୂଳ ଶ୍ଳୋକ ଶୁଣିବା ପରେ ଆଉରେଙ୍ଗଜେବ୍ ଅନୁଭବ କଲେ ଯେ ସବୁଧର୍ମ ସମାନ । ହେଲେ ତାଙ୍କର ଅସୁବିଧା ଏତିକି ଥିଲା ଯେ, ସେ ତାଙ୍କ ନିଜ ଧର୍ମକୁ ଛାଡି ଅନ୍ୟ କୌଣସି ଧର୍ମକୁ ସହି ପାରୁ ନ ଥିଲେ । ସେହିଠାରୁ ହିଁ ଆରମ୍ଭ ହୋଇଥିଲା ତାଙ୍କର ଧର୍ମଯୁଦ୍ଧ । କଳେବଳେ କୌଶଳେ ଯାହାକୁ ନା ତାହାକୁ ଇସଲାମଧର୍ମରେ ଦୀକ୍ଷିତ କରାଇଲେ। ତାଙ୍କ ଦୁଇଟି ବିକଳ୍ପ ଧର୍ମାନ୍ତରୀତ ହୁଅ ନଚେତ ମୃତ୍ୟୁ ଦଣ୍ଡ ପାଅ। ଲୋକକଥା ଅନୁସାରେ କେତେକ କାଶ୍ମୀର ପଣ୍ଡିତ ମଧ୍ୟ ଆଉରେଙ୍ଗଜେବଙ୍କ ଏହି ଘୋଷଣାନାମା ନେଇ ଗୁରୁ  ତେଗ ବାହାଦୁରଙ୍କ ସାହାଯ୍ୟ ଲୋଡିଥିଲେ । ସେ ପଣ୍ଡିତମାନଙ୍କୁ ଆଉରେଙ୍ଗଦେବଙ୍କ ନିକଟକୁ ଯାଇ ଗୁରୁ ତେଗ୍ ବାହାଦୁରଙ୍କୁ ଇସ୍‌ଲାମରେ ଦୀକ୍ଷିତ କରିପାରିଲେ ଅନ୍ୟମାନେ ଇସ୍‌ଲାମ ଧର୍ମ ଗ୍ରହଣ କରିବେ ବୋଲି କହିବାକୁ ପରାମର୍ଶ ଦେଲେ। ସ୍ୱାଭାବିକଭାବେ ଏହା ମୋଗଲ ସମ୍ରାଟଙ୍କୁ ରଗାଇଲା ଓ ସେ ଗୁରୁ ତେଗବାହାଦୁରଙ୍କୁ ବାନ୍ଧି ଆଣିବାକୁ ଆଦେଶ ଦେଲେ। ଗୁରୁ ତେଗ ବାହାଦୁର ଓ ସେମାନଙ୍କ ଅନୁଗାମୀ ମାନଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ଅତ୍ୟାଚାର କଲେ ମଧ୍ୟ ସେମାନେ ମୁଣ୍ଡ ନୁଆଁଇଲେ ନାହିଁ । ଶେଷରେ ମୋଗଲ ଶାସକଙ୍କ ନିର୍ଦ୍ଦେଶକ୍ରମେ ଦିଲ୍ଲୀର ଚାନ୍ଦିନୀଚୌକରେ ଗୁରୁ ତେଗ ବାହାଦୁରଙ୍କ ମୁଣ୍ଡକାଟ ହେଲା । ଆଜି ଯେଉଁଠି ରକାବଗଞ୍ଜ ଗୁରୁଦ୍ୱାର ନିର୍ମିତ ହୋଇଛି ସେଠାରେ ଗୁରୁ ତେଗବାହାଦୁରଙ୍କ ଅନ୍ତିମ ସଂସ୍କାର ହୋଇଥିଲା। ତାହା ଆଜି ମହାନ ବଳିଦାନର ପ୍ରତୀକ । ଗୁରୁ ଗ୍ରନ୍ଥ ସାହିବରେ ଗୁରୁ ତେଗ୍ ବାହାଦୁରଙ୍କ ଅନେକ ଶ୍ଳୋକ ଓ ଗୁରୁବାଣୀ ରହିଛି । ଏଥିରେ ୧୧୫ ଶବ୍ଦ ଓ ୧୫ରାଗ ରହିଛି । ■

# ବହୁ ଶତାବ୍ଦୀ ଧରି କର୍ମ ପ୍ରତି ଭାରତର ସମର୍ପଣକୁ ପ୍ରତିଫଳିତ କରୁଛି ଗୀତା

ଶହ ଶହ ବର୍ଷ ଧରି ଗୀତା ଭାରତୀୟ କର୍ତବ୍ୟ ନିଷ୍ଠାର ପ୍ରତୀକ ହୋଇ ରହିଛି । ମହାଭାରତଠାରୁ ଆରମ୍ଭ କରି କରୋନା ମହାମାରୀ ପର୍ଯ୍ୟନ୍ତ ସଦାସର୍ବଦା ଗୀତା ଦେଶକୁ ମାର୍ଗଦର୍ଶନ ଦେଇଆସିଛି । ଭାରତୀୟ ଐକ୍ୟ ସୌହାର୍ଦ୍ଦ୍ୟର ଗାଥା ଏଥିରେ ନିହିତ । ଗୀତା କହେ' 'ସମମ୍ ସର୍ବେଷୁ ଭୂତେଷୁ ତିଷ୍ଠତମ୍ ପରମେଶ୍ୱରମ୍' ଯାହାର ଅର୍ଥ ହେଲା ଈଶ୍ୱର ସମସ୍ତଙ୍କ ହୃଦୟରେ ବାସ କରନ୍ତି । ଏହି ପ୍ରେରଣାରେ ଉଦ୍‌ବୃଦ୍ଧ ହୋଇ ପ୍ରଧାନମନ୍ତ୍ରୀ ଶ୍ରୀମଦ୍ ଭାଗବତଗୀତର ପାଣ୍ଡୁଲିପି ଓ ଶ୍ଳୋକର ଇ-ବୁକ ଉନ୍ମୋଚନ କରିଛନ୍ତି ।



ଶ୍ରୀମଦ୍ ଭାଗବତ ଗୀତା ଏକ ଧାର୍ମିକ ଗ୍ରନ୍ଥମାତ୍ର ନୁହେଁ, ଏହା ଏହା ଏକ ମାନସିକ ଶକ୍ତିର ଉତ୍ସ ଓ ଏହା ଦେଶ ଓ ଏହାର ଚିନ୍ତାନାୟକ ମାନଙ୍କୁ ଯୁଗେ ଯୁଗେ ମାର୍ଗଦର୍ଶନ ଦେଇଆସିଛି । ଯେତେବେଳେ ସମଗ୍ର ବିଶ୍ୱ କରୋନା ମହାମାରୀର ମୁକାବିଲା କରୁଛି, ଗୀତାର ଗୁରୁତ୍ୱ ସେତେବେଳେ ଅଧିକ ପ୍ରାସଙ୍ଗିକ ହୋଇପଡିଛି । ସେଥିପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୧ଜଣ ବିଦ୍ୱାନଙ୍କ ପାଦଟୀକା ସହ ପାଣ୍ଡୁଲିପି ଉନ୍ମୋଚନ କରିବା ସହ ଶ୍ଳୋକ ଯୁକ୍ତ ସ୍ୱାମୀ ଚିଦଭବାନନ୍ଦଙ୍କ ଭଗବତଗୀତାର ନବୀନତମ ସଂସ୍କରଣକୁ ଭିଡିଓ କନ୍‌ଫରେନ୍ସିଂ ଦ୍ୱାରା ଉନ୍ମୋଚନ ମଧ କରିଛନ୍ତି। ଶ୍ରୀମଦ୍ ଭାଗବତ ଗୀତାର ମୂଳଅକ୍ଷର ଯୁକ୍ତ ସଂସ୍କୃତ ଟୀକା ସହ ଏଗାରଖଣ୍ଡ ସଂସ୍କରଣ ଉନ୍ମୋଚିତ ହୋଇଛି । ଭାଗବତଗୀତାର ପାଞ୍ଚଲକ୍ଷ ପୁସ୍ତକ ବିକ୍ରୀର ସ୍ମରଣାର୍ଥେ ସ୍ୱାମୀ ଚିଦ୍‌ଭାବନାଙ୍କ ନବୀନତମ ସଂସ୍କରଣ ଏକ ବିଶେଷ ଗୁରୁତ୍ୱ ବହନ କରେ । ସ୍ୱାମୀ ଚିଦ୍‌ଭାବନା ନନ୍ଦ ତାମିଲନାଡୁର ଶ୍ରୀ ରାମକୃଷ୍ଣ ତପୋବନମ୍ ଆଶ୍ରମର ପ୍ରତିଷ୍ଠାତା ଅଛନ୍ତି ।


**ପ୍ରଧାନମନ୍ତ୍ରୀଙ୍କ ଭାଷଣର ମୁଖ୍ୟାଂଶ:**

- ଗୀତା ହେଉଛି ଭାରତୀୟ ସ୍ୱାଧୀନ ଆଦର୍ଶ ଓ ସହନଶୀଳତାର ପ୍ରତୀକ ଯାହା ପ୍ରତ୍ୟେକ ନରନାରୀଙ୍କୁ ନିଜର ମତାମତ ଉପସ୍ଥାପନ କରିବା ପାଇଁ ଅନୁପ୍ରେରିତ କରିଥାଏ ।
- ଆଦି ଶଙ୍କରାଚାର୍ଯ୍ୟ ଗୀତାକୁ ଏକ ଆଧ୍ୟାତ୍ମିକ ଚେତନାଭାବେ ବିବେଚନା କରନ୍ତି ଏବଂ ସ୍ୱାମୀ ବିବେକାନନ୍ଦଙ୍କ ମତରେ ଗୀତା ହେଉଛି ଅସାଧାରଣ ବାଗ୍ମୀ ଓ ଗଭୀର ଆତ୍ମବିଶ୍ୱାସର ଉତ୍ସପ୍ରଦାନ କରିଥାଏ ।
- ଶ୍ରୀ ଅରବିନ୍ଦଙ୍କ ମତରେ ଗୀତା ହେଉଛି ଜ୍ଞାନ ଓ ମାନବିକତାର ମୂର୍ତିମନ୍ତ ପ୍ରତୀକ ଓ ମହାତ୍ମାଗାନ୍ଧୀଙ୍କ ନିମନ୍ତେ ଏହା କଠିନ ସମୟରେ ପଥ ପ୍ରଦର୍ଶକର କାର୍ଯ୍ୟ କରିଥାଏ ।
- ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଦେଶପ୍ରେମ ଓ ପରାକ୍ରମ ପାଇଁ ଗୀତା ଥିଲା ଏକ ପ୍ରେରଣା । ଗୀତାକୁ ବାଲ୍ ଗଙ୍ଗାଧର ତିଳକ ଏପରି ଦୃଷ୍ଟିଭଙ୍ଗୀ ଦେଇଥିଲେ ଯାହା ଦେଶର ସ୍ୱାଧୀନତା ସଂଗ୍ରାମକୁ ନୂତନ ଶକ୍ତି ଓ ବଳ ପ୍ରଦାନ କରିଥିଲା ।
- ଆମର ସ୍ୱାଧୀନତା ସଂଗ୍ରାମକୁ ଗୀତା କିପରି ଶକ୍ତି ଯୋଗାଇ ଥିଲା ଓ ଆମର ସ୍ୱାଧୀନତା ସଂଗ୍ରାମୀମାନେ କିପରି ଦେଶ ପାଇଁ ଚରମତ୍ୟାଗ ପାଇଁ ପ୍ରସ୍ତୁତ ଥିଲେ ତାହା ଉପରେ ଗବେଷଣା ଓ ଲେଖା ମାଧ୍ୟମରେ ଆମର ଯୁବପିଢିକୁ ଆମେ ଅନୁପ୍ରାଣିତ କରିବା ଆବଶ୍ୟକ ।
- ଏହି ଇ-ପୁସ୍ତକ ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ତାମିଲ ସଂଗଠନମାନଙ୍କୁ ଏହା ପଢିବାରେ ସାହାଯ୍ୟ କରିବ । ଇ-ପୁସ୍ତକ ଗୁଡିକ ସାଧାରଣତଃ ଯୁବପୀଢିଙ୍କ ମଧ୍ୟରେ ବେଶ ଆଦୃତ ହେଉଛି । ସେ ଦୃଷ୍ଟିରୁ ଗୀତାର ମହାନ୍ ଚିନ୍ତାଧାରାଗୁଡିକ ଏହି ପ୍ରଚେଷ୍ଟା ଦ୍ୱାରା ଅଧିକରୁ ଅଧିକ ଯୁବପୀଢି ମଧ୍ୟରେ ରୁଚିକର ହେବ । ■

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବାକୁ ବାରକୋଡ ସ୍କାନ କରନ୍ତୁ

# କ୍ୱାଡ: ସମୟୋଚିତ ଆର୍ବିଭାବ

ଭାରତ ପ୍ରଶାନ୍ତ ମହାସାଗରୀୟ ଅଂଚଳ ଉଭୟ ବ୍ୟବସାୟିକ ରଣନୀତି ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। କ୍ୱାଡ କେବଳ ଏ ସମସ୍ୟା ସମାଧାନ କରିବନାହିଁ ବରଂ ଏ ଅଞ୍ଚଳରେ ଥିବା ଅନ୍ୟାନ୍ୟ ଦେଶଗୁଡିକର ସ୍ୱାର୍ଥର ମଧ୍ୟ ସୁରକ୍ଷା କରିବ । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କ୍ୱାଡ ସ୍ଥିରତାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେବାକୁ ଯାଉଛି।



ବିଶ୍ୱରେ ଭାରତ କେବଳ ଏକ ଅପ୍ରତିଦ୍ୱନ୍ଦୀ ଶକ୍ତି ନୁହଁ, ବରଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏହାର ସ୍ୱତନ୍ତ୍ର ମହତ୍ୱ ରରହିଛି । ଚତୁର୍ମୁଖୀ ନିରାପତା ଆଲୋଚନା (କ୍ୱାଡ) ବୈଠକ ମାର୍ଚ୍ଚ ୧୨ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ୍ ଓ ଜାପାନ ପ୍ରଧାନମନ୍ତ୍ରୀ ୟୋସିହାଇଡ ସୁଗା ଏଥିରେ ଯୋଗଦେଇଥିଲେ । କ୍ୱାଡ ଶିଖର ସମ୍ମିଳନୀ ବର୍ତମାନର ଆହ୍ୱାନମୂଳକ ବିଷୟ ଯଥା ନମନୀୟ ଯୋଗାଣ ବ୍ୟବସ୍ଥା, ନୂଆକରି ଆସୁଥିବା ପ୍ରଯୁକ୍ତିଜ୍ଞାନ, ସାମୁଦ୍ରିକ ସୁରକ୍ଷା ଏବଂ ଜଳବାୟୁ ପରିବର୍ତନ ଉପରେ ଆଲୋକପାତ କରିବା ସହ ସୁଦୂର ଭାରତ-ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ଅବସ୍ଥିତ ଦେଶଗୁଡିକର ଆତ୍ମବିଶ୍ୱାସ ବୃଦ୍ଧିରେ ମଧ୍ୟ ସହାୟକ ହେବ ।

ପ୍ରଥମ ଥର ପାଇଁ ଏହି ଚାରିଟି ଦେଶର ରାଷ୍ଟ୍ରମୁଖ୍ୟ ତିନିଟି ମନ୍ତ୍ରୀସ୍ତରୀୟ ବୈଠକ ପରେ ଏହି ଶିଖର ସମ୍ମିଳନୀରେ ଯୋଗଦେଇଥିଲେ। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବର୍ତ୍ତମାନ ଚାଲିଥିବା କୋଭିଡ-୧୯ର ମୁକାବିଲା ଓ ସମାନୁପାତିକ ଭାବେ ନିରାପଦ ଓ କମ୍ ବ୍ୟୟସାପେକ୍ଷ ଟୀକା ପରିବଣ୍ଟନ ନେଇ ଆଲୋଚନା ହୋଇଥିଲା । ଏକ ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ସ୍ଥିରତା ଆଣିବା ଦିଗରେ ଏହା ହେବ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ■

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ନିମନ୍ତେ କ୍ୟୁଆର କୋଡ ସ୍କାନ କରନ୍ତୁ ।

## କ୍ୱାଡ କ'ଣ ?

*କ୍ୱାଡ ହେଉଛି ଚାରିଟି ଦେଶ ଯଥା ଭାରତ, ୟୁଏସ, ଜାପାନ ଓ ଅଷ୍ଟ୍ରେଲିଆକୁ ନେଇ ଗଠିତ ଏକ ରଣନୀତିକ ମଞ୍ଚ ଯେଉଁଥିରେ ରଣନୀତିଯୁକ୍ତ ଗୁପ୍ତତଥ୍ୟ ଆଦାନପ୍ରଦାନ ସହ ମିଳିତ ସମରାଭ୍ୟାସ ଅନ୍ତର୍ଭୁକ୍ତ । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଂଚଳର ସୁରକ୍ଷା, ପରିବେଶ, ବ୍ୟବସାୟ ଓ ଅନ୍ୟାନ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏହାର ପରିକଳ୍ପନା କରାଯାଇଥିଲା । ଏହି ଦେଶ ସମୂହ ଏକ ବାର୍ଷିକ ସାମରିକ ଅଭ୍ୟାସ 'ଏକ୍ସରସାଇଜ ମାଲବାର' ଆୟୋଜନ କରିଥାନ୍ତି ।*

### ଭେକ୍ସିନ ସହଯୋଗୀତା

- କୋଭିଡ୍-୧୯ର ଅନ୍ତ ନିମନ୍ତେ କ୍ୱାଡ ପକ୍ଷରୁ ଏକ ମିଳିତ ଅଭିଯାନ ।
- ଭାରତ-ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ଥିବା ଦେଶଗୁଡ଼ିକରେ ଟୀକାକରଣ ନେଇ କ୍ୱାଡ ନେତାମାନେ ସହାୟତା କରିବେ । ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ କୋଭାକ୍ସର ମାର୍ଗଦର୍ଶିକା ମଧ୍ୟ ଏଥିରେ ପାଳନ କରାଯିବ।
- କ୍ୱାଡ ସହଯୋଗୀ ଦେଶଗୁଡିକ ନିରାପଦ ଓ କାର୍ଯ୍ୟକ୍ଷମ କୋଭିଡ-୧୯ ଟୀକାର ଭାରତରେ ଥିବା ସୁବିଧା ଉପଯୋଗ କରି ଅଧିକ ଉତ୍ପାଦନ କରିବେ ।
- କ୍ୱାଡ ସହଯୋଗୀମାନେ କମ୍ ଆୟକାରୀ ଓ ଆବଶ୍ୟକ କରୁଥିବା ଦେଶମାନଙ୍କୁ ଜୀବନ ରକ୍ଷାକାରୀ ଟୀକା ପ୍ରଦାନ କରିବେ ।

### ଜଳବାୟୁ କାର୍ଯ୍ୟକାରୀ ଗୋଷ୍ଠୀ

- ପ୍ୟାରିସ ରାଜିନାମା ତ୍ୱରାନ୍ୱିତ କରିବାକୁ ଦୃଢ ପଦକ୍ଷେପ ନେବା ପାଇଁ କ୍ୱାଡ୍ ଓ ଅନ୍ୟାନ୍ୟ ଦେଶଗୁଡିକ ସହଯୋଗ କରିବେ, ଏଥିରେ ପ୍ୟାରିସ ଉତାପ ଲିମିଟି ମଧ୍ୟ ଆବଶ୍ୟକତା ଅନୁସାରେ ରହିବ ।
- ଅଙ୍ଗାରକାମ୍ଳ ନିର୍ଗମନ ମାତ୍ରା ଯଥାସମ୍ଭବ ହ୍ରାସ କରିବା ନେଇ ବୈଷୟିକ ଜ୍ଞାନର ଉପଯୋଗ।

### ଗୁରୁତ୍ୱପୂର୍ଣ୍ଣ ଓ ଉଦୀୟମାନ ପ୍ରଯୁକ୍ତି

- ପ୍ରଯୁକ୍ତି ଡିଜାଇନ, ବିକାଶ ଏବଂ ବ୍ୟବହାର ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ବିକଶିତ କରିବା।
- ଆମର ଜାତୀୟ ପ୍ରଯୁକ୍ତି ମାନକ ସଂସ୍ଥାନଗୁଡ଼ିକ ଏବଂ ଅନ୍ୟମାନଙ୍କ ମଧ୍ୟରେ ପ୍ରଯୁକ୍ତି ମାନକ ବିକାଶ ଉପରେ ସମନ୍ୱୟ ସୁବିଧା ଯୋଗାଇ ଦେବା ଏବଂ ବ୍ୟାପକ କ୍ଷେତ୍ରର ସହଯୋଗୀମାନଙ୍କ ସହିତ କାର୍ଯ୍ୟ କରିବା।
- ଆମର ଘରୋଇ କ୍ଷେତ୍ର ଏବଂ ଉଦ୍ୟୋଗ ସହିତ ନିବିଡ଼ ସହଯୋଗ ସ୍ଥାପନ କରିବା ସମେତ ଦୂରସଞ୍ଚାର ନିୟୋଜନ, ଉପକରଣ ଯୋଗାଣକାରୀମାନଙ୍କ ମଧ୍ୟରେ ବିବିଧତା ଆଣିବା ଏବଂ ପରବର୍ତ୍ତୀ ପିଢ଼ିର ଦୂରସଞ୍ଚାର କ୍ଷେତ୍ରରେ ସହଯୋଗକୁ ପ୍ରୋତ୍ସାହିତ କରିବା

# ଏକ ପ୍ରେରଣାଦାୟକ ଯାତ୍ରା

**ଆମେ ଅନେକ ସମୟରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମ୍ପର୍କୀତ କାହାଣୀ ଶୁଣିଥାଉ । ମାତ୍ର ପ୍ରତ୍ୟେକ କାହାଣୀ ପଛରେ ଥାଏ ଏକ ନିରବଚ୍ଛିନ୍ନ ସଂଗ୍ରାମ ଓ ପ୍ରେରଣାତ୍ମକ ଯାତ୍ରା । ସେଥିରୁ ଗୋଟିଏ ହେଲା ମଧ୍ୟପ୍ରଦେଶର ଏକ ଗ୍ରାମ ଯେଉଁଠି ପ୍ରତ୍ୟେକ ପରିବାର ସେମାନଙ୍କ ରୋଷେଇ ଘରେ ସୌରଶକ୍ତିର ଉପଯୋଗ କରନ୍ତି ଓ ଅନ୍ୟଟି ହେଲା ଦୁଇଜଣ ଯୁବକ ବିଶ୍ୱର ପ୍ରଥମ ପରିବେଶ ଅନୁକୂଳ ବ୍ୟାଟେରୀ ପ୍ରସ୍ତୁତ କରି ପରିବେଶ ସୁରକ୍ଷା ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ।**

## ସମସ୍ତଙ୍କ ସୌର ରୋଷେଇ ଘର ଥିବା ପ୍ରଥମ ଗାଁ



ମଧ୍ୟପ୍ରଦେଶର ବେଟୁଲ ଜିଲ୍ଲାର ବାନ୍‌ଛା ଗାଁ କେବଳ ଏକ ସାଧାରଣ ଗ୍ରାମ ନୁହେଁ, ସମସ୍ୟା କବଳରୁ ମୁକୁଳି ଏକ ସଫଳତାର କାହାଣୀ ରଚି ଏହି ଗ୍ରାମ ଏକ ଦୃଷ୍ଟାନ୍ତ ହୋଇପାରିଛି ଅନ୍ୟମାନଙ୍କ ନିମନ୍ତେ। ୭୪ଟି ଘର ଥିବା ଏହି ଆଦିବାସୀ ଅଧ୍ୟୁଷିତ ବାନ୍‌ଛା ଗ୍ରାମ ସମସ୍ତଙ୍କ ଘରେ ସୌର ରୋଷେଇଘର ଥିବା ଆମ ଦେଶର ଏକମାତ୍ର ଗ୍ରାମର ମାନ୍ୟତା ଲାଭ କରିଛି। ମାଖନଲାଲ ଚତୁର୍ବେଦୀ ଜାତୀୟ ସାମ୍ବାଦିକତା ବିଶ୍ୱବିଦ୍ୟାଳୟ ସହାୟକ ଅଧାପକ ଲୋକେନ୍ଦ୍ର ସିଂ ଏବଂ ପ୍ରଯୋଜକ ମନୋଜ ପଟେଲ ଦ୍ୱାରା ବାନ୍‌ଛା ଗ୍ରାମବାସୀଙ୍କ ଉପରେ ପ୍ରସ୍ତୁତ ବୃତଚିତ୍ରରେ ଗ୍ରାମବାସୀଙ୍କ ସଂଗ୍ରାମ ଉପରେ ବିଶଦ ବିବରଣୀ ରହିଛି। ୨୦୧୬ ମସିହାର ବାଞ୍ଛା ଗ୍ରାମର ଗ୍ରାମବାସୀମାନେ ଜଳକଷ୍ଟ ଦୂର କରିବା ପାଇଁ ବାଲିବସ୍ତା ଅଟକାଇ ବର୍ଷାପାଣି ସଂଗ୍ରହ ପରେ ସେମାନେ ଆଇଆଇଟି ବମ୍ବେ ଏବଂ ଓଏନଜିସି ସହାୟତାରେ ପ୍ରକୃତିରୁ ଶକ୍ତି ସଂଗ୍ରହ ଉପରେ ଗୁରୁତ୍ୱ ଦେଲେ । ଏହି ଲକ୍ଷ୍ୟ ନେଇ ପ୍ରତ୍ୟେକ ପରିବାର ରୋଷେଇ ଘରେ ସୌର ଚୁଲା ସ୍ଥାପନ କରାଗଲା । ଏବେ ପ୍ରତି ପରିବାର ସୌର ଚୁଲା ଯୋଗେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ।

## ବିଶ୍ୱର ପ୍ରଥମ ଶତପ୍ରତିଶତ ସବୁଜ ବ୍ୟାଟେରୀ




ନିମିଶା ବର୍ମା ଓ ନବୀନ ସୁମନଙ୍କ ଦ୍ୱାରା ନିଆଯାଇଥିବା ଅନନ୍ୟ ପଦକ୍ଷେପ ଯୋଗୁଁ ନିତ୍ୟ ବ୍ୟବହାର୍ଯ୍ୟ ରାସାୟନିକ ବ୍ୟାଟେରୀ ପ୍ରଦୂଷଣରୁ ଆଶ୍ଚର୍ଯ୍ୟଜନକ ନିଷ୍କୃତି ମିଳିପାରିବ । ଆଲୋଭେରାର ଉପଯୋଗ କରି ପୃଥିବୀର ପ୍ରଥମ ଶତ ପ୍ରତିଶତ ପରିବେଶ ଅନୁକୂଳ ଆଲଏ ଇ-ସେଲ ବ୍ୟାଟେରୀ ସେମାନଙ୍କ ଷ୍ଟାର୍ଟ ଅପ କମ୍ପାନୀରେ ପ୍ରସ୍ତୁତ କରିଛନ୍ତି । ପ୍ରତିଦିନ ନିୟମିତ ବ୍ୟବହାର କରାଯାଉଥିବା ବ୍ୟାଟେରୀରେ ବିଷାକ୍ତ ସୀସା ଓ ପାରଦ ଭଳି ରାସାୟନିକ ପଦାର୍ଥର ଉପଯୋଗ ହୋଇଥାଏ ଯାହାକି ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ । ସେମାନେ ନିୟମିତ ବ୍ୟବହାର କରାଯାଉଥିବା କ୍ଷତିକାରକ ରାସାୟନିକ ପଦାର୍ଥ ପରିବର୍ତ୍ତେ ଗୁଳ୍ମର ଇଲେକଟ୍ରୋଲାଇଟ୍ ବ୍ୟବହାର କରି ଏହାର ନାମ ଆଲୋ ଇ-ସେଲ ରଖିଛନ୍ତି । ଏହି ବ୍ୟାଟେରୀ ସ୍ଥାୟୀ ଓ ନିରନ୍ତର ବିକାଶ ଆଭିମୁଖୀ ଓ ଅଙ୍ଗାରକାମ୍ଳ ହ୍ରାସକାରୀ । ଏହି ଆଲୋ ଇ-ସେଲ ୧.୫ ଭୋଲ୍ଟ AA ଏବଂ AAA ଆକାର ବିଶିଷ୍ଟ। ଦୂରସମ୍ବେଦୀ ନିୟନ୍ତ୍ରଣ, ଘଡି ଓ ଖେଳଣା ଇତ୍ୟାଦି ପାଇଁ ଆଜିକାଲି ବ୍ୟବହୃତ ହେଉଥିବା ଡ୍ରାଇସେଲ ବ୍ୟାଟେରୀ ତୁଳନାରେ ଏହା ଅଧିକ ପରିବେଶ ଅନୁକୂଳ । ଏଗୁଡିକ ଶତକଡା ଦଶଭାଗ ଶସ୍ତା ଓ ନିୟମିତ ବ୍ୟାଟେରୀ ତୁଳନାରେ ଦେଢଗୁଣ ଦୀର୍ଘସ୍ଥାୟୀ । ନବୀନ ଓ ନିମିଶା ଅନେକ ପୁରସ୍କାର ବିଜେତା । ସେମାନେ ବେଷ୍ଟ ବୋଲଡ ଆଇଡିଆ ପୁରସ୍କାର ୨୦୧୯ ବିଜୟୀ ହେବା ସହ ସିଣ୍ଟର GO ଗ୍ରୀନ ପୁରସ୍କାର ମଧ୍ୟ ଜିତିଛନ୍ତି। ସେମାନେ ୨୦୨୦ ମସିହାରେ ଜାତୀୟ ଷ୍ଟାର୍ଟଅପ ପୁରସ୍କାର ବିଜେତାର ମାନ୍ୟତା ମଧ୍ୟ ହାସଲ କରିଛନ୍ତି ।

RNI No. :
DELODI/2020/78831
April: 1-15, 2021

ନ୍ୟୁ ଇଣ୍ଡିଆ
ସମାଚାର
ପାକ୍ଷିକ

RNI Registered No. DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90/2020-22, posting at BPC, Meghdoot Bhawan, New Delhi-110001 On 26-30 advance Fortnightly, (Publishing Date March 20, 2021, Pages-40)

# ଲବଣ ସତ୍ୟାଗ୍ରହ
# ୯୧ ତମ ବାର୍ଷିକୀ

## ଲବଣ ଆଇନ ଭଙ୍ଗକରି ଗାନ୍ଧିଜୀ ବ୍ରିଟିଶ ସାମ୍ରାଜ୍ୟର ମେରୁଦଣ୍ଡ ଦୋହଲାଇ ଦେଇଥିଲେ ।



"ଆମ ପାଇଁ ଲୁଣ ସାଧୁତା, ଆନୁଗତ୍ୟ ଓ ବିଶ୍ୱାସର ପ୍ରତୀକ । ଆମେ ଏବେ ମଧ୍ୟ କହୁ ଯେ ଆମେ ଦେଶର ଲୁଣ ଖାଇଛୁ ବୋଲି। କଥା ଏମିତି ନୁହେଁ ଯେ ଲୁଣ ଖୁବ୍ ମୂଲ୍ୟବାନ । ମାତ୍ର ଲୁଣ ଶ୍ରମ ଓ ସମାନତାର ପ୍ରତିନିଧିତ୍ୱ କରେ । ଲୁଣ ସେତେବେଳେ ଭାରତୀୟ ଆତ୍ମ ନିର୍ଭରଶୀଳତାର ପ୍ରତୀକ ଭାବେ ବିବେଚିତ ହେଉଥିଲା । ବ୍ରିଟିଶ ଶାସକ କେବଳ ଭାରତୀୟ ମୂଲ୍ୟବୋଧ ନୁହେଁ ଆତ୍ମ ନିର୍ଭରଶୀଳତା ମୂଳରେ ମଧ୍ୟ ପ୍ରହାର କରିଥିଲେ । ଲୋକମାନଙ୍କୁ ଇଂଲଣ୍ଡରୁ ଆସୁଥିବା ଲୁଣ ଉପରେ ନିର୍ଭର କରିବାକୁ ପଡିଲା। ଗାନ୍ଧିଜୀ ଦେଶବାସୀଙ୍କ ଏହି ନିରବଛିନ୍ନ ଯନ୍ତ୍ରଣାକୁ ଉପଲବ୍ଧି କରି ପାରିଥିଲେ । ଦେଶବାସୀଙ୍କ ନାଡି ଲକ୍ଷଣକୁ ହୃଦୟଙ୍ଗମ କରି ପ୍ରତ୍ୟେକ ଭାରତୀୟଙ୍କ ମନରେ ଆନ୍ଦୋଳନର ମନ୍ତ୍ର ଭରିଦେଇଥିଲେ ଓ ଏହା ପ୍ରତ୍ୟେକ ଭାରତୀୟର ସଂକଳ୍ପରେ ପରିଣତ ହୋଇଥିଲା ।

-ପ୍ରଧାନମନ୍ତ୍ରୀ  ନରେନ୍ଦ୍ର ମୋଦୀ



| Editor: **Jaideep Bhatnagar,** Principal Director General, PIB, New Delhi | **Published & Printed by: Satyendra Prakash,** Principal Director General, BOC on behalf of Bureau of Outreach and Communication | **Published from Bureau of Outreach and Communication, 2nd Floor, Soochna Bhawan, New Delhi - 110003** | **Printed at** Infinity Advertising services Pvt. Ltd. FBD-One Corporate Park, 10th Floor, New Delhi-Faridabad border, NH-1, Faridabad-121003 (Haryana) |
|---|---|---|---|